




# ଗୋଟିଏ ମିନିଟରେ କୋଟିଏ ଆୟ



ସବୁବେଳେ ଚର୍ଚ୍ଚାରେ କିପରି ରହିବାକୁ ହୁଏ, ସେ କଳା ବିଷୟରେ ବଲିଉଡ ଅଭିନେତ୍ରୀ ଉର୍ବଶୀ ରାଉତେଲାଙ୍କୁ ଭଲଭାବେ ଜଣା। ଉର୍ବଶୀ ଅଭିନୟ ଜଗତରେ ଏତେ ସଫଳ ହୋଇପାରି ନଥିଲେ ବି ମଡେଲିଂରେ ସେ ଅନ୍ୟମାନଙ୍କଠୁ ବହୁ ଆଗରେ। ଅନେକ ସମୟରେ ଉର୍ବଶୀ ନିଜର ବିଳାସପୂର୍ଣ୍ଣ ଜୀବନ ଶୈଳୀ ଏବଂ ଦାମୀ ଜିନିଷ ପିନ୍ଧି ଲାଇମଲାଇଟକୁ ଆସିଥାନ୍ତି। ଏବେ ସେ ନିଜର ଆୟ ବିଷୟରେ ଜଣାଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ଉର୍ବଶୀ ସ୍ୱୀକାର କରିଛନ୍ତି ଯେ ସେ ଗୋଟିଏ ମିନିଟରେ ୧କୋଟି ଟଙ୍କା ରୋଜଗାର କରନ୍ତି। ଏହା ସହ ସେ ସବୁଠୁ ଅଧିକ ପାରିଶ୍ରମିକ ନେଉଥିବା ଅଭିନେତ୍ରୀ। ତାଙ୍କର ଏଭଳି ଦାବି ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଉର୍ବଶୀ ରାଉତେଲାଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ଏବେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସେ ତାଙ୍କ ରୋଜଗାର ଉପରେ ପ୍ରତିକ୍ରିୟା ରଖୁଛନ୍ତି। ଯେତେବେଳେ ଜଣେ ଗଣମାଧ୍ୟମ ପ୍ରତିନିଧି ଉର୍ବଶୀ ରାଉତେଲାଙ୍କୁ ପଚାରୁଛନ୍ତି ଯେ ସେ ସର୍ବାଧିକ ପାରିଶ୍ରମିକ ପ୍ରାପ୍ତ ଅଭିନେତ୍ରୀ ହେବା ପରେ କିପରି ଅନୁଭବ ହେଉଛି ଏହାର ଉତରରେ ଉର୍ବଶୀ କହୁଛନ୍ତି, ନିଜ ଚେଷ୍ଟାରେ ସଫଳ ହୋଇଥିବା ପ୍ରତି ଅଭିନେତ୍ରୀ ଏଭଳି ଦିନ ଦେଖନ୍ତୁ ବୋଲି ମୁଁ ଚାହେଁ। ତେବେ କିଛି ଲୋକ ଉର୍ବଶୀଙ୍କ ଏଭଳି ଦାବିକୁ ନେଇ ତାଙ୍କୁ ଟ୍ରୋଲ କରୁଥିବା ଦେଖାଯାଇଛି।

# ବିଶାଳ ପୁସ୍ତକାଳୟ



ମଧ୍ୟ ପୂର୍ବ ଏସିଆର ସବୁଠୁ ବଡ଼ ଲାଇବ୍ରେରି ‘ମହମ୍ମଦ ବିନ୍ ରସିଦ୍ ଲାଇବ୍ରେରି’ ଏବେ ସାରା ବିଶ୍ୱରେ ଚର୍ଚ୍ଚାରେ ରହିଛି। ଦୁବାଇର ରାଜା ଶେକ୍ ମହମ୍ମଦ ବିନ୍ ରସିଦ୍ ଅଲ୍ ମକତୁମ୍‌ଙ୍କ ନାମାନୁସାରେ ଏହାର ନାମକରଣ କରାଯାଇଛି। ଏହାର ନିର୍ମାଣରେ ୨୧୫୧ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏହି ହାଇଟେକ୍ ଲାଇବ୍ରେରିରେ ୧୧ ଲକ୍ଷ ପୁସ୍ତକ, ୬୦ ଲକ୍ଷରୁ ଅଧିକ ନିବନ୍ଧ, ୭୩ ହଜାର ମ୍ୟୁଜିକ୍ ନୋଟସ୍, ୭୫ ହଜାର ଭିଡିଓ, ୫ ହଜାର ପାଣ୍ଡୁଲିପି ଓ ୩୫ ହଜାର ସମ୍ବାଦପତ୍ର ସ୍ଥାନ ପାଇଛି। ଏଠାରେ ନଅଟି ବିଭାଗ ରହିଛି। ସାଧାରଣ ପୁସ୍ତକାଳୟ, ଆରବ ପୁସ୍ତକାଳୟ, ଶିଶୁ ପୁସ୍ତକାଳୟ, ମିଡିଆ ପୁସ୍ତକାଳୟ, ବ୍ୟାପାର ପୁସ୍ତକାଳୟ, ଯୁବ ପୁସ୍ତକାଳୟ, ବିଶେଷ ସଂଗ୍ରହ ପୁସ୍ତକାଳୟ, ମାନଚିତ୍ର ଓ ଆଟଲାସ୍ ପୁସ୍ତକାଳୟ ଇତ୍ୟାଦି। ବଟନ୍ ଦବାଇବା ମାତ୍ରେ ପୁସ୍ତକଗୁଡ଼ିକ ପାଖକୁ ଚାଲିଆସିଥାଏ।

# ବିଛଣା ଭାଗ କରି ମାସକୁ ରୋଜଗାର ୪୨ ହଜାର



ସାଧାରଣତଃ ଲୋକମାନେ ଘର ଭଡା ଦେଇଥାନ୍ତି। ଏଥିପାଇଁ ଭଡାରେ ରହୁଥିବା ବ୍ୟକ୍ତି ଘରମାଲିକଙ୍କୁ ଦେଇଥାନ୍ତି ଘରଭଡା। କିନ୍ତୁ କେବେ ଶୁଣିଛନ୍ତି କି ନିଜ ବେଡ୍‌କୁ ଭଡାରେ ଦେବା କଥା। ଆଜ୍ଞା ହଁ ଆପଣ ଶୁଣୁଥିବା କଥା ସତ। ଜଣେ ମହିଳା ନିଜ ବେଡର ଅଧା ଭଡାରେ ଦେଇଛନ୍ତି। ପୁଣି ସେ ରଖିଛନ୍ତି କିଛି ସର୍ତ୍ତ। ଏହାସହିତ ଆଦାୟ କରୁଛନ୍ତି ମାସିକ ମୋଟା ଅଙ୍କର ଟଙ୍କା। ଯାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାଟି ଅଷ୍ଟ୍ରେଲିଆରୁ ସାମ୍ନାକୁ ଆସିଛି। ଜଣେ ଅଷ୍ଟ୍ରେଲୀୟ ମହିଳା ତାଙ୍କ ଶୋଇବା ଘରର ବେଡ୍‌କୁ ଅଧା ଭଡ଼ା ଦେଇଛନ୍ତି। ଅର୍ଥାତ୍ ବେଡ୍‌ର ଗୋଟିଏ ପାର୍ଶ୍ୱରେ ଭଡା ନେଇଥିବା ବ୍ୟକ୍ତି ଜଣକ ଶୋଇପାରିବେ ବୋଲି ସେ କହିଛନ୍ତି। ସେହି ଅଷ୍ଟ୍ରେଲୀୟାର କ୍ୱିନ୍‌ସ୍‌ଲ୍ୟାଣ୍ଡରେ ରହୁଥିବା ଏହି ମହିଳାଙ୍କ ନାଁ ହେଉଛି ମୋନିକ୍ ଯେରେମିୟ। ମୋନିକ୍ ହେଉଛନ୍ତି ଜଣେ ମଡେଲ୍ ସେ ଏପରି ଏକ ଅଜବ ଭଡ଼ା ଦେଇଥିବା ନେଇ ଜଣାପଡ଼ିଛି। ସେ ନିଜ ବେଡ୍‌କୁ ସେ ଲୋକମାନଙ୍କୁ ଅଫର ଦେଇଥା’ନ୍ତି। ଆଉ ବେଡ୍ ସେୟାର କରି ମୋନିକ୍ ମାସିକ ୪୨ ହଜାର ଟଙ୍କା ମାସିକ ରୋଜଗାର କରନ୍ତି। ଏପରି କରି ସେ ମାସିକ ୫ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଏମିତିକି ମୋନିକ୍‌ଙ୍କ ସହ ବେଡ୍ ସେୟାର କରିବାକୁ ହେଲେ କିଛି ସର୍ତ୍ତ ମଧ୍ୟ ମାନିବାକୁ ପଡିବ। ସର୍ତ୍ତ ଅନୁଯାୟୀ ବେଡ୍ ସେୟାର ସମୟରେ କୌଣସି ବ୍ୟକ୍ତି ରୋମାଂଟିକ୍ ବ୍ୟବହାର କରିପାରିବେ ନାହିଁ। ଏମିତିକି ଶୋଇବା ସମୟରେ ଶାରୀରିକ ସମ୍ପର୍କ ରଖିପାରିବେ ନାହିଁ ବୋଲି କହିଥିଲେ ମୋନିକ। ମୋନିକ୍‌ଙ୍କ କହିବା ଅନୁଯାୟୀ କରୋନା ସମୟରେ ସେ ଏକୁଟିଆ ରହୁଥିଲେ। ତେଣୁ ସେହି ସମୟରେ ସେ ଏକୁଟିଆ ଅନୁଭବ ନକରିବାକୁ ଏପରି ଏକ ଚିନ୍ତା କରିଥିଲେ। ଫଳରେ ବେଡ୍‌ର ଅଧା ସେୟାର କରିଥିଲେ। ଆଉ ଏଥିରୁ ସେ ଭଲ ରୋଜଗାର ମଧ୍ୟ କରିପାରିଛନ୍ତି।

# ‘ଆଶିକ୍-୩’ରେ ଆକାଂକ୍ଷା



ଫିଲ୍ମ ‘ଆଶିକି-୩’ ଘୋଷଣା ହେବା ପରେ ନିର୍ମାତା ଏହାର ମୁଖ୍ୟ ନାୟିକା ଖୋଜିବାରେ ଲାଗିପଡ଼ିଛନ୍ତି। ବର୍ତମାନ ଫିଲ୍ମର ଜଣେ ନୂଆ ଅଭିନେତ୍ରୀଙ୍କ ନାଁ ସାମ୍ନାକୁ ଆସିଛି। ଗଣମାଧ୍ୟମ ସୂଚନାଅନୁସାରେ, ‘ଆଶିକି-୩’ରେ ଅଭିନେତା କାର୍ତିକ ଆର୍ଯ୍ୟନଙ୍କ ଅପୋଜିଟ୍‌ରେ କନ୍ନଡ଼ ଅଭିନେତ୍ରୀ ଆକାଂକ୍ଷା ଶର୍ମାଙ୍କୁ କାଷ୍ଟ୍ କରାଇପାରେ। ଆକାଂକ୍ଷା ଏ ନେଇ ଫିଲ୍ମମେକରଙ୍କୁ ଅନେକ ଥର ଭେଟି ଆଲୋଚନା କରିଛନ୍ତି। ଯଦି ସବୁ ଠିକ୍ ରୁହେ, ତେବେ ସେ ‘ଆଶିକି’ର ତୃତୀୟ ସଂସ୍କରଣରେ ମୁଖ୍ୟ ନାୟିକା ହେବେ। ତେବେ ଫିଲ୍ମମେକର ଅଦ୍ୟାବଧି ଏ ନେଇ ଔପଚାରିକ ଘୋଷଣା କରିନାହାନ୍ତି। ମିଡିଆ ରିପୋର୍ଟ ଅନୁସାରେ, ଫିଲ୍ମ ପାଇଁ ନିର୍ମାତା ନୂଆ ଚେହେରା ଖୋଜୁଛନ୍ତି। ଆଶିକି ଫ୍ରାଂଚାଇଜିରେ ଆରମ୍ଭରୁ ନୂଆ ଚେହେରାଙ୍କୁ କାଷ୍ଟ୍ କରାଯାଇଛି। ରାହୁଲ ରୟ ଓ ଅନୁ ଅଗ୍ରୱାଲ ହୁଅନ୍ତୁ ବା ଆଦିତ୍ୟ ରୟ କପୁର ଓ ଶ୍ରଦ୍ଧା କପୁର, ଏମାନଙ୍କ ତାଜା ଯୋଡ଼ିକୁ ଦର୍ଶକ ଖୁବ୍ ପସନ୍ଦ କରିଥିଲେ। ଚର୍ଚ୍ଚା ହେଉଛି, କାର୍ତିକଙ୍କ ସହ ଆକାଂକ୍ଷାଙ୍କ କେମିଷ୍ଟ୍ରି ବହୁତ ଭଲ ହେବ। ଏହା ପୂର୍ବରୁ ଟିଭି ଅଭିନେତ୍ରୀ ଜେନିଫର ୱିଙ୍ଗେଟ୍, ସାରା ଅଲି ଖାନ୍, କ୍ୟାଟ୍ରିନା କୈଫ୍ ଓ ଦୀପିକାଙ୍କ ସମେତ ଅନେକ ଅଭିନେତ୍ରୀଙ୍କ ନାଁ ଫିଲ୍ମର ଲିଡ୍ ଲେଡି ପାଇଁ ସାମ୍ନାକୁ ଆସିଛି। ତେବେ ଅଦ୍ୟାବଧି କାହା ନାଁରେ ମୋହର ବାଜିନି। ଆକାଂକ୍ଷା ଜଣେ ମଡେଲ ଓ କନ୍ନଡ଼ ଫିଲ୍ମ ଅଭିନେତ୍ରୀ। ମଡେଲିଂରୁ ସେ କ୍ୟାରିଅର ଆରମ୍ଭ କରିଥିଲେ। ୨୦୨୦ ମସିହାରେ ରିଲିଜ୍ ହୋଇଥିବା କନ୍ନଡ଼ ଫିଲ୍ମ ‘ତ୍ରିବିକ୍ରମ’ ଜରିଆରେ ସେ ସିନେ କ୍ୟାରିଅର ଆରମ୍ଭ କରିଥିଲେ। ବଲିଉଡ୍ ଅଭିନେତା ଟାଇଗର ଶ୍ରଫ୍‌ଙ୍କ ସହ ମ୍ୟୁଜିକ୍ ଭିଡିଓ ‘ଡିସ୍କୋ ୮୨’ରେ ମଧ୍ୟ କାମ କରିଥିଲେ।

# ଶବକୁ ପୋତିବା ବଦଳରେ ଜଙ୍ଗଲରେ ଅବକ୍ଷୟ ହେବାକୁ ଛାଡ଼ନ୍ତି

ଇଣ୍ଡୋନେସିଆର ବାଲି ଦ୍ୱୀପ ଅନ୍ତର୍ଗତ ବାତୁର ହ୍ରଦର ପୂର୍ବ ଉପକୂଳରେ ରହିଛି ତ୍ରୁନ୍ୟାନ୍ ଗାଁ। ସେଠାରେ ପର୍ବତ ପରିବେଷ୍ଟିତ ପରିବେଶରେ ‘ବାଲି ଆଗା’ ସମ୍ପ୍ରଦାୟର ଲୋକମାନେ ବସବାସ କରନ୍ତି। ବାହାର ଦୁନିଆରୁ ବିଚ୍ଛିନ୍ନ ହୋଇ ରହୁଥିବା ଏହି ଲୋକମାନେ ସେମାନଙ୍କର ଐତିହ୍ୟର ଅନେକ ଉପାଦାନ ସଂରକ୍ଷିତ କରି ରଖିଛନ୍ତି। ସେଥି ମଧ୍ୟରେ ରହିଛି ସେମାନଙ୍କର ଶବ ସତ୍କାରର ବିଚିତ୍ର ପରମ୍ପରା। ସେମାନେ ଶବଗୁଡ଼ିକୁ କବର ଦେବା କି ଦାହ କରିବା ପରିବର୍ତେ ଜଙ୍ଗଲ ଭିତରେ ପ୍ରାକୃତିକ ଭାବେ ଅବକ୍ଷୟ ହେବାକୁ ଛାଡ଼ିଦିଅନ୍ତି। ଅବଶ୍ୟ ଶାଗୁଣା, କାଉ ଓ ଚିଲମାନଙ୍କ ଠାରୁ ସୁରକ୍ଷା ଦେବା ପାଇଁ ବାଲି ଆଗା ଲୋକମାନେ ଶବକୁ ବାଉଁଶ ତାଟି ଦ୍ୱାରା ଘୋଡ଼ାଇ ରଖିଥା’ନ୍ତି। ଦେହରୁ ମାଂସ ଶଢ଼ି ଝଡ଼ିଗଲା ପରେ ଖପୁରି ଓ ଅସ୍ଥିଗୁଡ଼ିକୁ ଉଦ୍ଧାର କରି ନୂତନ ଜୀବନ ଆଶାରେ ସେଗୁଡ଼ିକୁ ପଥର ଚଟାଣ ଉପରେ ରଖାଯାଏ। ଏହି ସମ୍ପ୍ରଦାୟର ଶବସତ୍କାର ସ୍ଥଳକୁ ଆସୁଥିବା ପର୍ଯ୍ୟଟକମାନେ ଶବରୁ ପଚାଶଢ଼ା ଗନ୍ଧ ବାହାରୁନଥିବା ଦେଖି ଆଶ୍ଚର୍ଯ୍ୟ ହୋଇଥା’ନ୍ତି। ଏହା ପଛରେ ରହିଛି ନିକଟରେ ଥିବା ଏକ ପ୍ରକାର ବଟବୃକ୍ଷ ଯାହାକୁ ସେମାନେ ‘ମେନ୍ୟାନ୍ ତରୁ’ ବା ସୁଗନ୍ଧି ବୃକ୍ଷ କହିଥା’ନ୍ତି। ଏହି ଗଛର ସୁବାସ ଶବର ଦୁର୍ଗନ୍ଧକୁ ଦୂର କରିଦେଇଥାଏ। ଉକ୍ତ ଗାଁରେ ସେପରି ତିନିଟି ଶବସତ୍କାର ସ୍ଥଳ ରହିଛି। ଶିଶୁ, ଦୁର୍ଘଟଣାରେ ମୃତ ଓ ଆତ୍ମହତ୍ୟା କରିଥିବା ଲୋକଙ୍କ ପାଇଁ ସେଠାରେ ସ୍ଥାନ ମିଳିନଥାଏ। ପ୍ରତି ଶବସତ୍କାର ସ୍ଥଳରେ ଏଗାରଟି ଲେଖାଏଁ ବାଉଁଶ ତାଟି ଓ ତାଳ ବାହୁଙ୍ଗା ଘେରା ଗମ୍ବୁଜ ରହିଥାଏ।

# ସାହିତ୍ୟ ଦର୍ପଣ



## ମାଆ ଅଛି ବୋଲି

*ମୂଳ ଇଂରାଜୀ - ଆଦିତ୍ୟ ମହାପାତ୍ର*
*ଅନୁସୃଜନ - ସୁଦର୍ଶନ ମହାପାତ୍ର*



ସୁଦର୍ଶନ ମହାପାତ୍ର

ମୁଁ ଏଇମାତ୍ର ଅଫିସରୁ ଫେରିଥିଲି ଆଉ କୋହଲା ପବନ ଯେମିତି ମୋ ଦେହରେ ଜଡେଇ ଯାଇଥିଲା ।ଝଡ ଯେମିତି ବାହାରେ ଘନୀଭୂତ ହେବାରେ ଲାଗିଥିଲା, ମୋ ଭିତରେ ବି ସେମିତି ଏକ ଝଡ଼ ବହି ମୋତେ ଆକ୍ରାମାକ୍ରା କରୁଥିଲା ।

ମାଆର ଏକ ସାଧାରଣ ପ୍ରଶ୍ନ-' ଆଜି ଏତେ ଡେରି କାହିଁକି ହେଲା' ର ଉତ୍ତର ନଦେଇ ତା ଉପରେ ମୋ ଭିତରର କ୍ଷୋଭ ଅଜାଡ଼ି ଦେବା କ'ଣ ଉଚିତ୍ ହେଲା ? ସବୁ ଅଫିସରେ ଉଣା ଅଧିକ ଅଫିସର ମାନଙ୍କର ଅନୌଚିତ ବ୍ୟବହାର ସହ୍ୟ କରିବାକୁ ନିଜକୁ ପ୍ରସ୍ତୁତ କରିବାକୁ ହୁଏ ବୋଲି ମୁଁ ଭୁଲି ଯାଇଥିଲି ବୋଧହୁଏ !!

ଆମ ଘରର ଝର୍କା ବାହାର ଆକାଶ ଯେମିତି ଧୂସର ରଙ୍ଗର ଚାଦର ଟିଏ ପିନ୍ଧିଥିଲା ।ବାଦଲ ଗୁଡିକ ଯେମିତି ସେପର୍ଯ୍ୟନ୍ତ ବହିଯାଇ ପାରିନଥିବା ଲୁହରେ ବତୁରି ଫୁଲି ଉଠିଥିଲା ।

ହଠାତ୍ ମୋତେ ଲାଗିଲା ବହୁଥିବା ପବନ ଛନ୍ଦରେ ଥିଲା ଯେମିତି ଶିଶୁ କୁ ଶୁଆଇବା ପାଇଁ ଉଦ୍ଦିଷ୍ଟ ଏକ ମଧୁର ସଂଗୀତ । ସାଥିରେ ଆଣିଥିଲା ଏକ ଅପୂର୍ବ ସୁଗନ୍ଧି ଯାହା ଅନୁରଣିତ କରୁଥିଲା ମୋ ସମଗ୍ର ସତ୍ତାକୁ । ସ୍ମୃତି ରେ ଆସିଲା ପିଲାଦିନ ।ମୋ ଭାବନା ଧୀରେ ଧୀରେ ଯେମିତି ଅତୀତକୁ ପ୍ରବେଶ କରୁଥିଲା; ଆଉ ମୋତେ ନେଇ ଯାଇଥିଲା ସେଇ ପିଲାଦିନକୁ ।

ସେଦିନ ସ୍କୁଲ ଛୁଟି ସମୟକୁ ଖୁବ୍ ବର୍ଷା ହୋଇଥିଲା ।ତା ସାଙ୍ଗକୁ ଘଡଘଡି ନାଦ ଆଉ ଘନଘନ ବିଜୁଳିର ଚମକ । ତେଣୁ ସବୁ ପିଲାଙ୍କୁ ସ୍କୁଲ ଭିତରେ ବନ୍ଦୀ କରି ରଖାଗଲା ପ୍ରାୟ ଅଧଘଣ୍ଟାଏ ହେବ । ତାପରେ ଯାଇ ସ୍କୁଲ ବସ୍ ଆଡକୁ ମୁହାଁଇଲେ ପିଲାମାନେ ।

ମୋ ଷ୍ଟପେଜ ଆସିଗଲା ।ଆଉ କେତେ ପିଲାଙ୍କ ସହିତ ସ୍କୁଲ ବସ୍ ରୁ ଓହ୍ଲାଇ କାନ୍ଧରୁ ବ୍ୟାଗର ବୋଝ ଖସାଇବାକୁ ସବୁଦିନ ପରି ମୋ ଆଖି ଖୋଜି ବୁଲୁଥିଲେ ତାକୁ । ସେଇ ମୋ ମାଆକୁ,ଯିଏ ରାସ୍ତା କଡରେ ଠିଆ ହୋଇଥାଏ ଚାତକିତ ଆଖିରେ । ଯେପରି ବିଶାଳ ସମୁଦ୍ର ଭିତରେ ବାଟ ବତାଇବାକୁ ଦିଗଦର୍ଶକ ସାଜି ଠିଆ ହୋଇଥାଏ ବତୀଘର ଟିଏ ।ଏକା ପ୍ରକାର ପୋଷାକ ପିନ୍ଧିଥିବା କେତେ ଗୁଡିଏ ପିଲାଙ୍କ ଭିତରୁ ମୋ ମୁହଁକୁ ଖୋଜି ବୁଲୁଥିବା ଦୁଇଟି ଆଖି ଉପରେ ମୋ ନଜର ପଡିଲା ।

ମୋ ଠାରୁ ମୋ ମାଆର ବେଶୀ ଭୟ ଏଇ ବର୍ଷାକୁ । କାରଣ ମୋ ଦେହରେ ପ୍ରାୟତଃ ଅସୁସ୍ଥତା ଜମି ରହେ । କଅଁଳ ପତ୍ର ପରି ମୋ ଦେହକୁ ଭୟାତୁର ଆଖି ନେଇ ମୋ ମାଆ ମୋତେ ଜଗିବାକୁ ଚେଷ୍ଟା କରୁଥିଲା । କାଳେ ମୁଁ ଆହୁରି ରୋଗଗ୍ରସ୍ତ ହୋଇଯିବି... !

ମୋତେ କିନ୍ତୁ ସେଦିନ ଶୁଖିଲା ଅବସ୍ଥାରେ ମାଆ ଦେଖିଲା ତ, ତା'ର ଉଦବିଗ୍ନତାପୂର୍ଣ୍ଣ ଆଖିରେ ଚମକ ସୃଷ୍ଟି ହେଲା ।ତା ମୁହଁରେ ଖେଳିଗଲା ଏକ ଆଶ୍ୱସ୍ତିର ହସ । ଯେମିତି ଅଦିନିଆ ବର୍ଷା ଛାଡ଼ିଗଲା ପରେ ବାଦଲ ଉହାଡରୁ ସୂର୍ଯ୍ୟ ଉଙ୍କିମାରେ, ପ୍ରାୟତଃ ସେମିତି ଥିଲା ତା'ର ହସ ।

ମୁହୂର୍ତ୍ତକ ମଧ୍ୟରେ ସେ ସଚେତନ ହେଲା । ତତକ୍ଷଣାତ୍ ମୋ ମୁଣ୍ଡ ଉପରେ ଖୋଲି ଧରିଲା ଛତାଟିଏ । ସତେ ଯେମିତି ଗିରି ଗୋବର୍ଦ୍ଧନ କୁ ସେ ଟେକି ଧରିଥିଲା ମୋର ସୁରକ୍ଷାରେ ।ତା ପାଦର ଗତି ବଢିଲା । ତା'ର ଲକ୍ଷ୍ୟ ଯେତେ ଶୀଘ୍ର ମୋତେ ନେଇ ଘରେ ପହଞ୍ଚାଇବା ।ସଦ୍ୟ ସମାପ୍ତ ବର୍ଷା ଦ୍ୱାରା ଠାଏ ଠାଏ ଜମି ରହିଥିବା କାଦୁଅ ପାଣିକୁ ମୋତେ ସାବଧାନ କରୁଥିଲା । କେଉଁଠି କେଉଁଠି ମୋତେ ତା ହାତରେ ଟେକି ପାଣି କାଦୁଅ ଠୁ ଦୂରେଇ ନେଇ ବିପଦ ମୁକ୍ତ କରୁଥିଲା ।

ମାଆ ମୋତେ ପ୍ରାୟତଃ ଜାବୁଡି ଧରି ରାସ୍ତା ଅତିକ୍ରମ କରୁଥିବା ବେଳେ ମୁଁ କିନ୍ତୁ ମୋର କିଚିରି ମିଚିରି ଶବ୍ଦରେ ମାଆ ଠୁ ଦୂରେଇ ରହିଥିବା ମୂହୁର୍ତ୍ତ ମାନଙ୍କର ବିବରଣୀ ବ୍ୟାଖ୍ୟା କରିବାରେ ଲାଗିଥିଲି ।

ଏମିତି ପ୍ରତ୍ୟେକ ଦିନ ହୁଏ ।ମୋ କଥା ସରୁନଥାଏ ଅଥଚ୍ ରାସ୍ତା ସରିଯାଏ । ମୋ କଥା ଭିତରେ ମୁଖ୍ୟତଃ ଥାଏ ସାଙ୍ଗ ମାନଙ୍କ କଥା, ଟିଫିନ୍ ସେଆରିଂ ର କଥା, ଟିଚ୍‌ର୍ସ ମାନଙ୍କ ଦ୍ୱାରା ମୋ ଖାତାରେ କେତେଥର ଭେରି ଗୁଡ୍ କିମ୍ବା ଏକ୍ସଲେଣ୍ଟ ମିଳିବାର କଥା ।

ମାଆ ସବୁ ଶୁଣେ । ମୋତେ ଉତ୍ସାହିତ କରେ ଶେଷ ପର୍ଯ୍ୟନ୍ତ । ସେଇ କଥାକୁ ସେଇ କଥାକୁ ସବୁଦିନ ଶୁଣେ । ଥକି ପଡେନା ।ସତେ ଯେମିତି ସେ ମୋ ଠାରୁ ଶୁଣେ କେଉଁ ପବିତ୍ର ଗ୍ରନ୍ଥର କଥାମୃତ.. ! ମଝିରେ ମଝିରେ ମୁରୁକି ମୁରୁକି ହସେ । ମୋତେ ଲାଗେ ତା ଚେତନା କୁ ବଶୀଭୂତ କରି ରଖିଥାଏ ମୋର ଆଜୁରୁ ବାଜୁରୁ କଥା ।

ହଠାତ୍ ମୋ ଭାବନାରେ ବ୍ୟାଘାତ ଘଟିଲା । କିଛି କ୍ଷଣ ଆଗରୁ ମୋ କଥାରେ ଆହତ ହୋଇ ନିରବି ଯାଇଥିବା ମାଆ ର ସ୍ୱର ଶୁଭିଲା ।

-' ଆଜି କାହିଁକି ଡେରି ହୋଇଗଲା ରେ ବାବୁ ! କିଛି କାମ ଥିଲା ? କେହି କିଛି କହିଲେ କି ? ଏମିତି ଚୁପଚାପ୍ ବସିଛୁ କାହିଁକି ? ' ତଥାପି ମୁଁ ନିରୁତ୍ତର ରହିଲି ।

-' କ'ଣ ହୋଇଥାନ୍ତା ? ଟିକିଏ ଆଗରୁ ଯଦି ବର୍ଷା ଆରମ୍ଭ ହୋଇ ଯାଇଥାନ୍ତା... !! ସେଇଥିପାଇଁ ତୋତେ ପଚାରିଲି ।' ମାଆ କୈଫତ ଦେବାଭଳି କହିଲା ।

ମୁଁ ମୋ ବସିବା ଜାଗାରୁ ଉଠି ପଡିଲି ।ଦୁଇ ପାପୁଲିରେ ମାଆର ମୁହଁକୁ ଛୁଇଁଲି ଏବଂ ମୋର ଅହେତୁକ ଆଚରଣ ପାଇଁ ' ଦୁଃଖିତ' ବୋଲି ଭାବ ଦେଖାଇଲି ଯାହା ମୋ ମାଆ ମନକୁ ଭୁଲାଇ ଦେବାକୁ ସକ୍ଷମ ହେବ ବୋଲି ଜାଣିଥିଲି ।

ମୋ ଆଙ୍ଗୁଳି ଦ୍ୱାରା ମାଆ ଆଖି ତଳର ଲୋଚାମୋଚା ଭାଙ୍ଗ ସବୁକୁ ସେକ୍ଷଣି ଅନୁଭବ କଲି । ମାଆ ମୁହଁରେ ଚିର ପରିଚିତ ହସ ଫୁଟି ଉଠିଲା । ହେଲେ ମୁଁ ଅନୁଭବ କଲି ମାଆ ମୁହଁରେ ଥିବା ସେଇ ହସ ପିନ୍ଧିଥିଲା ବୟସାଧିକ୍ୟ ର ନିର୍ମକ !

ମାଆ ରୋଷେଇ ଘରକୁ ଗଲା ଆଉ ଫେରିଲା ହାତରେ ଅଦା ବାସ୍ନାରେ ମ ?ହକିତ ଚା' କପଟିଏ ଧରି । ଆଜି ହଠାତ୍ କାହିଁକି କେଜାଣି ମାଆ ହାତର ଦୃଢ଼ତା କ୍ରମେ ଦୁର୍ବଳ ହୋଇ ଯାଇଚି ବୋଲି ମୁଁ ଅନୁଭବ କଲି ।ତା ହାତ ସାମାନ୍ୟ ଥରୁଥିଲା ବୋଲି ମୁଁ ନୀରିକ୍ଷଣ କଲି । ଆଗରୁ ଦୁଇ କପ୍ ଦୁଇ ହାତରେ ଧରି ଆସୁଥିବା ମାଆ ଆଜି ଗୋଟିଏ କପ୍ ଧରିଥିଲା ।

ମୋ ଗଳାରେ ଯେମିତି କିଛି ଆସି ଅଟକି ଗଲା ! କୋହ କହିଲେ ଚଳିବ ।

ମୋତେ ଲାଗିଲା ମାଆ ର ଉଚ୍ଚତା ଟିକିଏ କମିଯାଇଛି । ସେ ନଇଁ ପଡ଼ିଛି । ମୋ ମୁଣ୍ଡକୁ ହାତ ପାଇଲା ବେଳକୁ ମୋ ମାଆର ମୁଣ୍ଡ ପ୍ରଶ୍ନବାଚୀ ଚିହ୍ନ ପରି ଝୁଙ୍କି ପଡ଼ିଛି ।

ମାଆ ତ୍ୟାଗ ତିତିକ୍ଷାର ମୁଁ କ'ଣ ସଠିକ୍ ମୂଲ୍ୟାୟନ କରି ପାରିବି ? ଛାତି ଭିତରେ ମୋର କେମିତି ଗୋଟିଏ ହୋଇ ଯାଉଥିଲା ।

-' ଆଜି କେମିତି କଟିଲା ତୋର ଦିନ ?' ହଠାତ୍ ମାଆର ପୁଣି ସେଇ ପ୍ରଶ୍ନରେ ମୁଁ ସମ୍ବିତ ଫେରି ପାଇଲି । ମାଆ ହାତରେ ଏଥର ଥିଲା ତା'ର ଚା' କପ୍ ।

କେବେ ମୁଁ ସ୍ୱତଃସ୍ଫୁର୍ତ୍ତ ଭାବରେ ମାଆକୁ କହିଛି ତ କେବେ ମାଆ ପଚାରିଛି ତା ଅବର୍ତ୍ତମାନରେ ମୋର କଟିଥିବା ସମୟ କଥା । ଏଇ ଧାରା ଚାଲି ଆସିଛି ସେଇ ସୁଦୂର ଅତୀତରୁ ।

ମୁଁ ସ୍କୁଲ ଛାଡିଛି, କଲେଜ ଛାଡିଛି, ବଡ଼ ହୋଇଛି, ବସ୍ ରୁ ଓହ୍ଲାଇ ଆଉ ଅପେକ୍ଷା କରିଥିବା ମାଆ କୋଳକୁ ଝାମ୍ପି ପଡୁନାହିଁ.. ଅଥଚ୍ ମାଆ ସହିତ ଦିନଯାକର କଥା ନବଖାଣିବା ଯାଏ ମୁଁ ସନ୍ତୃପ୍ତ ହୋଇନାହିଁ, ମାଆ ବି ମୋ ଠୁ ନଶୁଣିବାଯାଏ ଥୟ ଧରି ନାହିଁ ।

ବାପା ନଥିଲା ପରିବାରରେ ମାଆ ହିଁ ମୋର ଏକମାତ୍ର ସାହାରା ! ସେ ମୋ ପାଇଁ ସାଜିଛି ମାଆ କୟାଧୁ.., ମାଆ ରାଣୀ ଲକ୍ଷ୍ମୀବାଈ.. ।ମାଆ ର ହାତ ଏବେ ଥରୁଥାଇ ପାରେ । ହେଲେ ତା'ର ସ୍ନେହ ସେମିତି ଅବିଚଳିତ ରହିଛି ।

ମାଆ ମାନେ ହିଁ ସେମିତି !

ଆଶଙ୍କା ପୂର୍ବକ ପୁଣି ଥରେ ଘମାଘୋଟ ବର୍ଷା ଆସି ଯାଇଥିଲା । ଆକାଶରୁ ଖସୁଥିଲା ନିଆଁ । ପ୍ରକମ୍ପିତ ହେଉଥିଲା ଧରା । ହେଲେ ଏସବୁ ଶବ୍ଦ ମୋତେ ମାଆର ସେଇ ପିଲାଦିନର ଧୋ ବାୟା ଗୀତ ଭଳି ଶୁଭୁଥିଲା ।

କାରଣ ମୋ ପାଖରେ ମାଆ ବସିଥିଲା... !

*କୁଞ୍ଜବିହାରୀ ଲେନ, କଟକ*
*୯୪୩୮୧୭୫୫୪୨*

## ଫାଇଲ

*ରତ୍ନକାନ୍ତି ମିଶ୍ର*



ସେ ନିର୍ଜୀବ ଅଥଚ୍ ଚଳମାନ
କଚ୍ଛପ ପରି ତା'ର ଗତି
ନାହିଁ ଚଞ୍ଚଳତା
ନାହିଁ ସ୍ପୃହା ,ନାହିଁ ତା'ର ସ୍ଫୁର୍ତ୍ତି
ଲାଗିଲେ ପରିଚିତ ସ୍ପର୍ଶ
ଭାବମୟ ହୁଏ କେବେ ସେ
ଜୀବଦ୍ଦଶାର ଅନ୍ତିମ ପ୍ରହରେ
କାଳେ ବଦଳିଯିବ
କେଉଁ ହତଭାଗାର ଭାଗ୍ୟ
ଉତଫୁଲ୍ଲିତ ହୁଏ ସେ
ସତେ ଅନୁଭୂତ ଖୁସିର ସ୍ୱର୍ଗ
କାଳର କରାଳେ
ସେ ଜୀର୍ଣ୍ଣଶୀର୍ଣ୍ଣ ବିବର୍ଣ୍ଣ
ବିଷର୍ଣ୍ଣ ହୁଏ ସେ
ଯେବେ ଶୁଣେ କେଉଁ ଚାତକିତ ପ୍ରାଣ
ହୋଇଛି ସ୍ୱର୍ଗତଃ
ମନେ ମନେ ଜଣାଏ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଭାବରେ ଆପ୍ଳୁତ
କୋର୍ଟ କଚେରୀରେ
ପଡ଼ିଥାଏ ସେ ବର୍ଷ ବର୍ଷ ଧରି
ମାମଲା ତୁଟେନି
କେତେ ଲାଞ୍ଚ, କେତେ ମିଛ ପ୍ରପଞ୍ଚ
ତାକୁ ଅନାବରଣ କରିବାକୁ
ସତେ ସେ ଅନୁଢା ବସିଛି
ସାଇତିଛି ପରମ୍ପରାର ଓଢ଼ଣା କୁ !
କେତେ ତୁନ୍ଦି ତୋଫାନ
ସେ ଦେଖେ ଖାସ୍ ତା ପାଇଁ
ତା ଭିତରେ ଜୁଡୁବୁଡୁ
ଅନେକ ସମସ୍ୟା
କେତେ କାହାଣୀ ଲୁକ୍କାୟିତ
ତା'ର ଆକ୍ରାମାକ୍ରା ପ୍ରାଣ
ହୁଅଇ ନିଃଶେଷ
ନିଆଁ ରେ ପୋଡ଼ି ଯେବେ ହୁଏ
ମୁଠାଏ ପାଉଁଶ.. !!!

*ଆଳି, କେନ୍ଦ୍ରାପଡା*

## ଛତ୍ରପୁର ଓ ମୁଁ

*ଆଦିତ୍ୟ ଚନ୍ଦ୍ର ଦାସ*



ଜନ୍ମିଥିଲି ମୁଁ ଡାକ୍ତରଖାନାରେ
ସେ ପୁଣି ଏଠି ନୁହେଁ ଛତ୍ରପୁରରେ ।
ସେଠିକାର ପାଣି ପବନ ପିଇ
ଯେନତେନ ବଢ଼ି ଗଲିଟି ମୁହିଁ ।
ମା ଓ ମାଆର ମା ପାଖେ ରହି
ଶୈଶବକୁ ଆନନ୍ଦେ ପାରିଛଇଁ ।
ପୂର୍ଣ୍ଣ ମାମୁଁ ଓ ଜନାର୍ଦ୍ଦନ ମାମୁଁ
ସେଠାକାର ସେବେଳର ମୋ ମାମୁଁ ।
ପ୍ରଥମ ପ ?ାନ୍ତି ଆର ବୁଲାଏ
ପଢି ବୁଲି ମୁଁ ସମୟ କଟାଏ ।
ଇଂରାଜୀରେ କଥାବାର୍ତ୍ତା ମୁଁ କରେ
ଯେହେତୁ ଥିଲି ଶିକ୍ଷିତ ଗହଣେ ।
ଏତିକି କଥା ସ୍ମୃତିରେ ଅଛଇ
ଆଉ ଯାହା ବି ଅଛି ବିସ୍ମରଇ !
ଏବେର ଛତ୍ରପୁର ସେବେଳର
ପ୍ରଭେଦ ହିଁ ପ୍ରଭେଦ ବହୁବାର ।
ଯା ଭିତରେ ମୁଁ ଛତ୍ରପୁର ଗଲି
ଚାଳିଶ ଦିନ ସେଠାରେ ରହିଲି ।
କାମରୁ ଫେରି ମୁଁ ବଜାର ବୁଲେ
ସ୍ମୃତି ପର ସ୍ମୃତିକୁ ହିଁ ଉଣ୍ଡାଳେ ।
ବୁଝୁ ବୁଝୁ ବନ୍ନ ବାବୁ କହିଲେ
ପୂର୍ଣ୍ଣ ବାବୁଙ୍କୁ ମୁଁ ଜାଣିଛି ଭଲେ ।
ତାଙ୍କ ସାଙ୍ଗେ ଗଲି ମାମୁଁ ଘର
ମାମୁଁ ବହୁତ କଲେଟି ଆଦର ।
ମା ସାଙ୍ଗେ କଥା ହେଲେ ଫୋନ୍ ରେ
ମା କୁ କହିଲେ ବୁଲି ଆସ ଥରେ ।
ଛୟାଳିଶ ବର୍ଷ ତଳର କଥା
ବଢୁଥିଲା କଥା, ଗାଥା ଓ ବ୍ୟଥା ।
ଜନାର୍ଦ୍ଦନ ମାମୁଁ ଏବେ ସ୍ୱର୍ଗରେ
ଭେଟ ରହିଗଲା ଅଧା ବାଟରେ ।
ବହୁତ ଶିଖିଥିଲି ଛତ୍ରପୁରୁ
ବୋଧେ ବାକିଥିଲା ଗୋଟେସେଦିନୁ ।
ଏବେର କମୋଡ଼ ସେବେ ନ ଥିଲା
ଏ ବୟସେ ଶିଖିବାକୁ ପଡିଲା ।
ଭୁଲିପାରିବିନି ମୁଁ ଛତ୍ରପୁର
ଜନ୍ମସ୍ଥାନ ଭୁଲିବା କଷ୍ଟକର ।

*କ୍ଷେତ୍ରପାଳ, ଚଣ୍ଡିଖୋଲ, ଯାଜପୁର*

## ଜଙ୍ଗଲ ଆମର ପରମ ମିତ

*ସୁଧାକର ରାଉତ*



ଜଙ୍ଗଲ ଆମର ପରମ ମିତ
ଜଙ୍ଗଲ ରହିଲେ ବଞ୍ଚିବା ଆମେ
ପ୍ରକୃତ ବନ୍ଧୁ ସେ ଏ ଧରା ଧାମେ
ଏ କଥାକୁ ଚିନ୍ତି ମନେ
ତାହାର ସୁରକ୍ଷା ପ୍ରତି ଧ୍ୟାନ ଦେବା
ଆସ କୁନା କୁନି ମାନେ ।
ବିଷାକ୍ତ ବାଷ୍ପ ଯେତେ ସିଏ ପିଏ
ତା ବଦଳେ ଅମ୍ଳଜାନ ସେ ଦିଏ
ତା ଯୋଗୁ ବରଷା ହୁଏ
ସେ ମାଟିକୁ ଜାବୁଡ଼ି ଧରି ରଖଇ
ସତେ କି ତା ସାଥି ସିଏ ।
ଯୋଗାଏ ସେ ଔଷଧ, ଫଳମୂଳ
ସ୍ୱଚ୍ଛ ପରିବେଶର ବି ସେ ମୂଳ
ପଶୁପକ୍ଷୀ ବାସସ୍ଥଳ
ସବୁଜ ରଙ୍ଗର ତା ରୂପ ଦେଖିଲେ
ମନ ହଜେ କାଳକାଳ ।
ପାଇବାକୁ ଆମେ ସାମାନ୍ୟ ସୁଖ
ତାକୁ ନଷ୍ଟ କରି ପାଉଛେ ଦୁଃଖ
ଆସ କୁନା କୁନି ଯେତେ
ନୂଆ ଜଙ୍ଗଲ ସୃଷ୍ଟିର ବାର୍ତ୍ତା ଦେବା
ନକରିଣ ଡେରି ଏତେ ।

*ପ୍ରତାପ ନଗରୀ, କଟକ*
*ମୋ - ୮୨୪୯୯୩୨୭୯୨*

## ପଢୁଛି କି ସିଏ ଥରେ

*ନିରଞ୍ଜନ ସାହୁ*



କାହିଁକି କହୁନ କବିତା ଲେଖିବି
ତାହାକୁ ପଢିବ କିଏ
ଯାହା ପାଇଁ ନିତି କବିତା ଲେଖିଲି
ପଢୁଛି କି ଥରେ ସିଏ ?
ଦିନଥିଲା ଦିନେ ମୋ କବିତା ପାଇଁ
ସେ ଥିଲା ପାଗେଳୀ ସାଜି
ଦିନେ ନ ଲେଖିଲେ ଅଭିମାନ କରେ
ପଢୁନାହିଁ ସିଏ ଆଜି
କେମିତି ମୋ ଲେଖା ପାଶୋରି ଦେଇକି
ମୁହଁକୁ ବୁଲାଇ ଦିଏ ?
ଲୁଚେଇ ଲୁଚେଇ ପଢୁଥିବ ବୋଧେ
ଖୋଜୁଥିବ ମୋର ଲେଖା
ଲୋକଦେଖାଣିଆ ଭାବରେ ତ ସିଏ
ଡେଉଁନି ଲକ୍ଷ୍ମଣ ରେଖା
ପଚାରି ବୁଝିବ ଏହାରି ସତ୍ୟତା
ଭେଟିବ ତାହାକୁ ଯିଏ ।
ଯିଏ କହୁଥିଲା , ' ଆଉ ଲେଖିଚାଲ
ହୁଅ ନାମକରା କବି
ସିଏ ଯଦି ମୋର ଲେଖା ନ ପଢିବ
ମୋ ମନଟା ଯିବ ଦବି
ସେଥିପାଇଁ ସବୁ ପାଠିକାଙ୍କୁ ଭୁଲି
ତା ପ୍ରତି ଗୁରୁତ୍ୱ ଦିଏ ।

*ନିହଲ ପ୍ରସାଦ, ଗଁଦିଆ ପାଟଣା*
*ଢେଙ୍କାନାଳ-୭୫୯୦୧୬*
*ମୋ: ୯୯୩୮୭୪୧୫୮୩*

## ଶ୍ୟାମଲାଲଙ୍କ ଆତ୍ମା ଓ ଯମରାଜଙ୍କ କୋର୍ଟ



ପୂର୍ଣ୍ଣଚନ୍ଦ୍ର ବହଳୀ

ଏକ ବସ ଦୁର୍ଘଟଣାରେ ଶ୍ୟାମଲାଲଙ୍କର ମୃତ୍ୟୁ ହୋଇଗଲା । ସରକାର ରୁଟିନ କାର୍ଯ୍ୟ ଭଳି ତାହାର ତଦନ୍ତ ପାଇଁ ଆଦେଶ ଦେଲେ କ୍ଷଶ୍ୟାମଲାଲ ପରିବାରଙ୍କୁ କ୍ଷତିପୂରଣ ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ ସହ ପରିବାରର ଜଣଙ୍କୁ ଚାକିରୀ ଦେବା ପାଇଁ ମଧ୍ୟ ଘୋଷଣା କରିଦେଲେ ।

ଶ୍ୟାମଲାଲଙ୍କ ଆତ୍ମା ସିଧା ଯାଇ ଯମଲୋକରେ ପହଁଚିଗଲା କ୍ଷ ଯମରାଜ ଏହା ଦେଖି ବିରକ୍ତ ହୋଇଗଲେ । ଚିତ୍ରଗୁପ୍ତଙ୍କୁ ଡାକି କହିଲେ ଆରେ ଏହାର ଆୟୁଷ ଶେଷ ହୋଇନାହିଁ ତା ପୂର୍ବରୁ ସେ କେମିତି ଏଠାକୁ ଆସିଲା ।

ଓଃ ହୋ ଏମାନଙ୍କୁ ପାରି ହେବ ନାହିଁ । ଆଚ୍ଛା ଶ୍ୟାମଲାଲ ତୁମେ ତ ତୁମ ଦେଶରେ କେଉଁଠି ଫାଇଦା ମିଳିବ ଲାଇନ ରେ ଠିଆ ହେବା କଥା ଏଠାକୁ କେମିତି ପଳାଇଆସିଲ । ଶ୍ୟାମଲାଲ କହିଲା ହଁ ଆଜ୍ଞା କିନ୍ତୁ କଣ କରିବି ହଠାତ ବସ ଦୁର୍ଘଟଣା ଘଟିଯିବାରୁ ଶୀଘ୍ର ଆତ୍ମାର ଶାନ୍ତି ପାଇଁ ଆପଣଙ୍କ ଲାଇନରେ ପହଂଚିଗଲି । କେଜାଣି କେବେ ଜନସାଧାରଣଙ୍କୁ ଏ ଲାଇନରୁ ମୁକ୍ତି ମିଳିବ । ଶ୍ୟାମଲାଲ ହସି ହସି ଏ କଥା କହୁଥିବା ବେଳେ ଯମରାଜ ବି ହସି ହସି ତା ଚାରିପାଖରେ ଘୁରୁଥିଲେ । କହିଲା ମରିଯାଇ ବି ବହୁତ ମଜାକ କରୁଛ, ଖୁସି ବି ଯାଇନାହିଁ । ଏ ଖୁସି ଭିତରେ ଭୟ ବି ରହିଛି ମୁଁ ଜାଣି ପାରୁଛି । ତାର ମାନେ କଣ ? ଯମରାଜ ଏ ପ୍ରଶ୍ନରେ ଚମକି ଉଠିଲେ ।

ବହୁତ ହୋଇଗଲା, ମୋତେ କଷ୍ଟ ହେଉଛି ଆଉ ଆପଣ....ଏତେବଡ ଦୁର୍ଘଟଣା ହୋଇଗଲା.. ଆପଣଙ୍କୁ ମଜା ଲାଗୁଛି ..ଆପଣ ଟିଭି ଫିଭି ଦେଖନ୍ତି ନା ନାହିଁ ନା ଆପଣଙ୍କ ପାଖରେ ଟିଭି ନାହିଁ... ଏଠି ଯମରାଜଙ୍କ ସରକାର ନା ଲୋକତନ୍ତ୍ରର ସରକାର ! ଦୁଃଖରେ ନିଜକୁ ନିଜେ କୋସିହେଲେ ।

ଓହୋ ତୁମ କଷ୍ଟ ବୁଝୁଛି ବୋଲି ତ କହୁଛି ଆଗରୁ କାହିଁକି ଆସିଲ ?ତୁମେ ଯାଞ୍ଚ ସାରିବା ପର୍ଯ୍ୟନ୍ତ ସେଠାରେ ଲାଇନରେ ରହିଥାନ୍ତ ତା ପରେ ଆସିଥାନ୍ତ....

କ୍ଷମା କରିବେ ହଜୁର । କାହା ପାଇଁ ଯାଞ୍ଚ.. ସାଧାରଣ ଲୋକଙ୍କ ପାଇଁ ନା ଯାଞ୍ଚ ଅଛି ନା କେହି ପଚାରିବାକୁ ଅଛି । ଯମରାଜ ଚିତ୍ରଗୁପ୍ତଙ୍କୁ ଅନାଇ କହିଲେ ଏ ମୁଁ କଣ ଶୁଣୁଛି.. ଯେ ପର୍ଯ୍ୟନ୍ତ ଶ୍ୟାମଲାଲଙ୍କ ଦୁର୍ଘଟଣାର ଯାଞ୍ଚ ନ ସରିଛି ସେ ପର୍ଯ୍ୟନ୍ତ ତାଙ୍କର ଆତ୍ମାକୁ ମୁକ୍ତି ଦିଆଯିବ କିମ୍ବା ପୁଣି ମର୍ତ୍ତ୍ୟକୁ ପଠାଇଦିଆଯିବ ତାହାର ବିଚାର କୋର୍ଟରେ ହେବ । କାଲି ଯମରାଜଙ୍କ କୋର୍ଟରେ ହାଜର ହେବା ପାଇଁ ବିଭାଗୀୟ ମନ୍ତ୍ରୀଙ୍କୁ ତୁରନ୍ତ ଖବର ଦିଅ । ଯଦି ନ ଆସିବେ କହିଦେବ ଅଦାଲତ ଅବମାନନା ନୋଟିସ ଦିଆଯିବ । ଚିତ୍ରଗୁପ୍ତ ବିବ୍ରତ ହୋଇଉଠିଲେ । କିଭଳି ଏ କଥା ମନ୍ତ୍ରୀଙ୍କୁ କହିବେ କ୍ଷ ତେବେ ସରକାରଙ୍କ ଆଦେଶ ମାନିବାକୁ ପଡିବ ।

ପରଦିନ ବିଭାଗୀୟ ମନ୍ତ୍ରୀ ଯମରାଜାଙ୍କ ପାଖରେ ପହଁଚିଲେ । ଯମରାଜ ପଚାରିଲେ ଏବେ ଏତେବଡ ଯେଉଁ ବସ ଦୁର୍ଘଟଣା ହେଲା ସେଥିପାଇଁ ଦାୟୀ କିଏ । ଏହା କାହାର ଦାୟିତ୍ୱ । ମନ୍ତ୍ରୀ କହିଲେ ଏହା ମୋର କାର୍ଯ୍ୟ କ୍ଷେତ୍ର ବାହାରେ..ମୁଁ ନିର୍ମାଣ ଦାୟିତ୍ୱରେ । ରାଜ୍ୟମନ୍ତ୍ରୀ ବସ ଚଳାଚଳ ଦାୟିତ୍ୱରେ ଅଛନ୍ତି । ହେଉ ତୁମେ ଯାଅ ରାଜ୍ୟ ମନ୍ତ୍ରୀଙ୍କୁ ପଠାଅ । ରାଜ୍ୟମନ୍ତ୍ରୀ କିଛି ସମୟ ପରେ ଡରି ଡରି ହାଜର ହେଲେ । କରଣ ଏଥର ନୂଆକରି ମନ୍ତ୍ରୀ ହୋଇଛନ୍ତି । ଯମରାଜ ତାଙ୍କୁ ମଧ୍ୟ ସେଇଭଳି ଦୁର୍ଘଟଣା ବିଷୟ ପଚାରିଲେ । ଟିକେ ଛେପ ଢ଼ୋକି ରାଜ୍ୟ ମନ୍ତ୍ରୀ କହିଲେ ଯେଉଁ ବସ ଦୁର୍ଘଟଣା କରିଛି ବୋଧେ ତାହାର ଯାଞ୍ଚ ଠିକ ସେ ହୋଇନାହିଁ । ଏହା ଗାଡି ଯାଞ୍ଚ କରୁଥିବା ମେକାନିକ ଇଂଜିନିୟର ର ଭୁଲ । ଓହୋ ଏହା ତୁମର ବି କାର୍ଯ୍ୟ ପରିସର ନୁହେଁ । ଯମରାଜ ବିରକ୍ତି ହୋଇ ତାକୁ ବିଦାୟ ଦେଲେ । ଯମରାଜ ଚିତ୍ରଗୁପ୍ତଙ୍କୁ ଅନାଇ ଶୀଘ୍ର ଯାଇ ମେକାନିକ ବାଲାକୁ ଡାକିବାକୁ କହିଲେ । ମେକାନିକ ଇଂଜିନିୟର ତତକ୍ଷଣାତ ହାଜର ହୋଇ କହିଲେ ମୋର କଣ ମୃତ୍ୟୁ ସମୟ ହୋଇଗଲାଣି କି ? ମୋତେ କାହିଁକି ସ୍ମରଣ କଲେ । ଯମରାଜ କହିଲେ ତୁମେ ଖାଲି ମୃତ୍ୟୁ କଥା ଭାବୁଛ ନା ଆଉ କିଛି....

ଏ ଯେଉଁ ବସ ଦୁର୍ଘଟଣା ଘଟିଗଲା ସେଥିପାଇଁ ତୁମେ ଦାୟୀ ବୋଲି କୁହାଯାଉଛି....ଏହା ସ୍ୱୀକାର କରିବ ନା ମୁଁ ତୁମକୁ ନର୍କକୁ ଏଇ ସାଙ୍ଗେ ସାଙ୍ଗେ ପଠାଇଦେବି । ମେକାନିକ ବାଲା କହିଲା ଯମରାଜ ମୋର ବ୍ୟଥା ଟିକେ ଶୁଣିଦିଅ, ତାପରେ ଯେଉଁଠିକୁ ପଠାଇବ ମୋର ଆପତ୍ତି ନାହିଁ । ଯମରାଜ କିଛି ଚିନ୍ତା କଲେ ଓ କହିଲେ ହେଉ କୁହ । ଆଜ୍ଞା ମୁଁ ପୁରା ବସ ଯାଞ୍ଚ କରି ଛାଡ଼ିଥିଲି, ଡ୍ରାଇଭର ଠିକ ସେ ଚଳାଇ ପାରି ନାହିଁ ମୁଁ କଣ କରିବି । କିନ୍ତୁ ସେ କହିବାକୁ ଚାହୁଁଥିଲା ଯେ ବସ କିଣା ଠାରୁ ମରାମତି ପର୍ଯ୍ୟନ୍ତ ଲାଞ୍ଚ କାରବାର ଚାଲିଛି ଏଥିରେ ଦୁର୍ଘଟଣା ଘଟିବ ହିଁ ଘଟିବ । କିନ୍ତୁ କାଳେ ଏହା ମନ୍ତ୍ରୀଙ୍କ ଉପରକୁ କଥାଟା ଯିବ ସେ ଚୁପ ରହିଲା । ସେ କହିଲା ଆପଣ ଡ୍ରାଇଭରକୁ ଡାକି ପଚାରନ୍ତୁ । ଯମରାଜ ଚିତ୍ରଗୁପ୍ତଙ୍କୁ ଅନାଇ କହିଲେ ଯାଅ ଡ୍ରାଇଭରକୁ ଧରି ଆଣ । ଚିତ୍ରଗୁପ୍ତ ଡ୍ରାଇଭରକୁ ଆସବା ପାଇଁ ଖବର ଦେଲେ । ଡ୍ରାଇଭର ପହଂଚି ଯିବା କ୍ଷଣି ଯମରାଜ କହିଲେ ଏ ବସ ଦୁର୍ଘଟଣା ପାଇଁ ତୁମେ ଦାୟୀ ଏହାର ଦୋଷ ତୁମ ଉପରେ ହିଁ ନ୍ୟସ୍ତ କରାଯିବ । ଡ୍ରାଇଭର କହିଲା ମୋତେ କଣ ପାଗଳ କୁକୁର କାମୁଡ଼ିଛି ନା କଣ ମୁଁ ଏଥିପାଇଁ ଦାୟୀ ରହିବି । ଲୋକତନ୍ତ୍ର ସରକାରରେ ମୁଁ ସ୍ଥାୟୀ କର୍ମଚାରୀ, ୩୦ ବର୍ଷ ଚାକିରୀ ଭିତରେ ମୁଁ ଏମିତି କଥା ଶୁଣିନାହିଁ । ଯିଏ ରାସ୍ତା ତିଆରି କରିଥିଲା ତାହାର ଭୁଲ । ଆବଡା ଖାବଡା ରାସ୍ତା,ଗାଡି ଏପଟ ସେପଟ ହୋଇଗଲା । କୁହନ୍ତୁ ମୋର କଣ ଭୁଲ ।ପୁରା କର୍ମଚାରୀ ସଙ୍ଘର ନେତା ମୁଁ । ମୋତେ ଦାୟୀ କଲେ ଆପଣଙ୍କ ବିରୁଦ୍ଧରେ ପୁରା ସଙ୍ଘ ଆନ୍ଦୋଳନ କରିବେ । ଯମରାଜଙ୍କ ମୁଁହ ବି ତା କଥା ଶୁଣି ବନ୍ଦ ହୋଇଗଲା । ଠିକ ଅଛି..ଯାଅ...ଯାଅ.. । ଯମରାଜ ଆଉ କିଛି କହିବା ପୂର୍ବରୁ ଚିତ୍ରଗୁପ୍ତ ଯାଇ ରାସ୍ତା ତିଆରି କରୁଥିବା ଶ୍ରମିକଙ୍କର ମୁଖିଆକୁ ଡାକିଆଣିଥିଲା । ମୁଖିଆ ହାତଯୋଡି ଯମରାଜଙ୍କୁ କହିଲା ଆଜ୍ଞା ଦୋଷୀ ସାବ୍ୟସ୍ତ କରିବା ପାଇଁ ଶେଷରେ ମୋତେ ବାଛିଲେ । ଆମେ ଗରିବ ବୋଲି ଆମରି ମୁଣ୍ଡରେ ସବୁ । ବେଲ କିଏ ଖାଇବ, ଅଠା ବୋଳାଯିବ ଆମ ମୁଣ୍ଡରେ । ଉପରୁ ତଳ ଯାଏ କେହି ନିଜ ଉପରକୁ ଦୋଷ ନ ନେଇ ଆମରି ମୁଣ୍ଡରେ ଅଠା ବୋଳି ଦେବାକୁ ବସିଛନ୍ତି ଆଜ୍ଞା କ୍ଷ ତା ପରେ ନ ଡରି ଯମରାଜଙ୍କ କାନ ପାଖରେ ମୁଁହ ରଖି କହିଲା ଭିତିରିଆ କଥା ଶୁଣନ୍ତୁ କିନ୍ତୁ ଆପଣ ଏ କଥା କାହାକୁ କହିବେନି ନ ହେଲେ ଆଜ୍ଞା ଆମକୁ ଆଉ କାମ ମିଳିବନାହିଁ । ବଞ୍ଚି ଥାଉଁ ଥାଉଁ ମରିଯିବୁ । କଥା କଣ କି ଆଜ୍ଞା ଯେଉଁଠି ବାଲି,ସିମେଣ୍ଟ, ଗୋଡି ଇତ୍ୟାଦି ଯେଉଁ ପରିମାଣରେ ମଜଭୁତ ରାସ୍ତା ପାଇଁ ଦରକାର ତାହା ଯଦି ଦିଆ ନ ଯାଏ କେତେଦିନ ତାହା ଭଲ ରହିବ ଗ୍ୟାରେଣ୍ଟି କିଛି ଅଛି । ଉପର ଠାରୁ ତଳ ପର୍ଯ୍ୟନ୍ତ ସବୁଠି ଆଜ୍ଞା ଦିଆନିଆ କାରବାରରେ ଦେଶ ଚାଲିଛି, କାହାକୁ ଦୋଷୀ କରିବେ କ୍ଷସ୍ୱୟଂ ଈଶ୍ୱର ହିଁ ଏହା ଜାଣି କିଛି କରି ପାରୁ ନାହାନ୍ତି ।ତେଣୁ ଈଶ୍ୱର ହିଁ ଏଥିପାଇଁ ଦାୟୀ । ଆପଣ ଈଶ୍ୱରଙ୍କୁ ଡାକି ପଚାରନ୍ତୁ । ମର୍ତ୍ତ୍ୟ ଲୋକରେ କିଏ କେତେବେଳେ ମଲା...କାହିଁକି ମଲା ବିଚାର କରିବା ଅପେକ୍ଷା ଆପଣଙ୍କ ଦରବାରର ମୃତ୍ୟୁ ତାଲିକା ଅପଡେଟ କରନ୍ତୁ,ହୁଏ ତ ଶ୍ୟାମଲାଲଙ୍କ ଆୟୁଷ ସେହି ଭଗବାନ ହିଁ କମାଇଦେଇଥିବେ । ଏତେ କଥା ଶୁଣି ଶୁଣି ଶ୍ୟାମଲାଲଙ୍କ ଆତ୍ମା ଜୋରରେ ହସି ଉଠିଲା.....

ଯମରାଜ କହିଲେ କୋର୍ଟ କାର୍ଯ୍ୟ ବେଳେ କିଏ ହସୁଛି... ବନ୍ଦ କର...ତୁମ ମର୍ତ୍ତ୍ୟଲୋକରେ କେବଳ ନେବା ଜାଣିଛ କିନ୍ତୁ କେହି କୌଣସି ଦାୟିତ୍ୱ ନେବାକୁ ରାଜି ନୁହେଁ ।

ଯମରାଜ ଚିତ୍ରଗୁପ୍ତ କୁ ଅନାଇ କହିଲେ ଆଜି କୋର୍ଟ କାର୍ଯ୍ୟ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସ୍ଥଗିତ ରହିଲା । ଚିତ୍ରଗୁପ୍ତ କହିଲା ମହାରାଜ ଆପଣ ମର୍ତ୍ତ୍ୟଲୋକରେ କିଏ ଦୋଷୀ ଖୋଜୁ ଖୋଜୁ ଆପଣଙ୍କ ଦାୟିତ୍ୱ ଭୁଲିଗଲେଣି ଆଉ ସିଆଡେ କେତେ ଆତ୍ମାଙ୍କର ଲାଇନ ଲାଗି ଯାଇଥିବ । ଏବେ ଏ ତଦନ୍ତର ପୂର୍ଣ୍ଣଚ୍ଛେଦ ପକାନ୍ତୁ ଓ ରାୟ ଦେଇଦିଅନ୍ତୁ କ୍ଷମୋତେ ବି ଏ ଶ୍ରମିକର କଥା ଠିକ ଲାଗୁଛି । ଯେହେତୁ ଈଶ୍ୱର ଦାୟୀ ସେ ବୋଧେ ଶ୍ୟାମଲାଲ ଆୟୁଷ କମାଇ ଦେଇଥିବେ । ତେଣୁ ପ୍ରମାଣ ଅଭାବ ଦର୍ଶାଇ ଶ୍ୟାମଲାଲଙ୍କ ଆତ୍ମାକୁ ମୁକ୍ତି ଦେଇଦିଅନ୍ତୁ । ଯମରାଜ ଯେମିତି ନିଦରୁ ଉଠିଲେ.....ଆଗରୁ ଏ କଥା କହିଲ ନାହିଁ କାହିଁକି.... ହେଉ ତାଙ୍କୁ କୁହ ଲାଇନରେ ଠିଆ ହୁଅନ୍ତୁ .... ଓ...

*ସମ୍ପାଦକ 'ଶିବାନୀ 'ଭଦ୍ରକ*
*ମୋବାଇଲ ୯୮୬୧୪୪୪୨୦୦*

## ମମତାର ଗଙ୍ଗା



ସୁଚରିତା ମହାନ୍ତି

ଘର ଛାଡ଼ିବାର ଅନେକ ବର୍ଷ ବିତିଗଲାଣି । ସହରର ଚାକଚକ୍ୟ ଭିତରେ ହଜି ଯାଇଚି ସେଇ ଗାଁ ମାଟିର ମିଠା ମହକ,ହଜି ଯାଇଚି ଭାଗବତ ଟୁଙ୍ଗି ରୁ ଭାସି ଆସୁଥିବା 'ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ'ର ଭାବ ଭକ୍ତି ସ୍ୱର, ହଜି ଯାଇଚି ସାଙ୍ଗସାଥିଙ୍କ କୋଳାହଳ, ହଜି ଯାଇଚି ଜୀବନର ପ୍ରତିଟି ବିମୁଗ୍ଧ ଲଗ୍ନ ।ଏବେ ନିଇତି କଷଟି ପଥରରେ କଷି ଚାଲିଚି ରୂପା ପରି ଝଲସି ଉଠୁଥିବା ଅତୀତର ସ୍ମୃତି ମାନଙ୍କୁ ଆଉ ବର୍ତ୍ତମାନରେ ଛନ୍ଦି ହୋଇପଡୁଥିବା ବୁଢ଼ିଆଣୀ ସୂତାର ଖିଅ ମାନଙ୍କୁ । ଅନାବନା ଭାବନା ଗୁଡ଼ାକ ତା' ମନ ଓ ହୃଦୟକୁ ମନ୍ଥି ପକାନ୍ତି , ସେ କିଛି ବି କରିପାରେନି, ନିରବତା ଏକ ମାତ୍ର ସାହାରା । ତା'କଥା ଶୁଣିବାକୁ ଅଛି କିଏ ? ହୃଦୟରେ ଯେତେକ ଯନ୍ତ୍ରଣା ଚାପି ରଖି ପାଦ ଥାପେ ଆଗକୁ ଆଗକୁ । ଗାଁରେ ଏତେ ବଡ଼ ଘର ସମ୍ଭାଳି ପଡ଼ି ରହିଚି ବୁଢ଼ୀ ମା'ଟା ? ।

ଗାଁରୁ ରମା ନାନୀ କଲ୍ କରି କହିଲା, ବାବୁରେ ତୁ କ'ଣ ଗାଁକୁ ପୁରାପୁରି ଭୁଲିଗଲୁ !ଆମ ମାନଙ୍କ କଥା ଛାଡ଼ ନୂଆ ଭାଉଜଙ୍କ କଥା ତୋର କ'ଣ ମନେ ପଡ଼ ?ନି, ଯିଏ ତୋତେ ଏଡ଼ିକିରୁ ଏଡୁଟେ କଲା, ମଣିଷ କରି ଦୁନିଆରେ ଠିଆ କଲା, ତୁ ତାକୁ ଥରେ ଦେଖିବାକୁ ଆସୁନୁ ।

ସତ୍ୟ କେବଳ ରମା ନାନୀର କଥା ଶୁଣୁଥିଲା ଉତ୍ତର ଫେରେଇବାକୁ ତା'ପାଖରେ କିଛି ଶବ୍ଦ ନଥିଲା । ସବୁ ଶୁଣିବା ପରେ ଏତିକି କହିଲା, ଯିବି ନାନୀ ।

କଣ୍ଠ ରୁଦ୍ଧ ହୋଇ ଆସୁଥାଏ, ଆଖିରୁ କେଇ ବୁନ୍ଦା ଅମାନିଆ ଲୁହ ଚିବୁକ ଛୁଇଁବାକୁ ଭାରି ବ୍ୟଗ୍ର ଥାନ୍ତି । ଫୋନ୍ ରଖିଦେଇ ତକିଆ ଉପରେ ମୁହଁ ମାଡ଼ି ପଡ଼ି ଗଲା ।

ସ୍ତ୍ରୀ ଆଗରେ ନିଜର କଥା ବଖାଣିବାକୁ ତିଳେ ମାତ୍ର ଇଛା ନଥାଏ ।

ଗୋଟିଏ ଦିନ କଷ୍ଟେ ମଷ୍ଟେ ନିଜକୁ ସମ୍ଭାଳି ରହିଗଲା । ପରଦିନ ବଡ଼ି ଭୋରରୁ ଉଠି ନିତ୍ୟକର୍ମ ସାରି ସତ୍ୟ ବାହାରିଲା ନିଜ ଜନ୍ମମାଟିକୁ ।

ସ୍ତ୍ରୀ ସଙ୍ଗୀତା ପଚାରିଲା କ'ଣ ହେଲା ଆଜି ଏତେ ସକାଳୁ କାମ ସାରି କୁଆଡ଼ ? ବାହାରିଲ ?

ସତ୍ୟ ଜୋତା ପିନ୍ଧୁ ପିନ୍ଧୁ କହିଲା ମା' ପାଖକୁ ।

ସଙ୍ଗୀତା ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲା ସତ୍ୟକୁ ।

ସତ୍ୟ ଆଉ ପଦିଏ କିଛି କହିବାକୁ ଇଛା ନକରି ଗାଡ଼ି ଧରି ଚାଲିଗଲା ।

ଦୀର୍ଘ ଦିନ ଧରି ନିଜ ଛାତିରେ ଚାପି ରଖି ଥିବା ଯନ୍ତ୍ରଣାକୁ ଉପଶମ କରିବ ତା' ଗାଁ ମାଟି,ତା' ମା' କୋଳ, ସବୁ ଅଳି ଅରଦ୍ଦଳିକୁ ଝାଡ଼ି ଝୁଡ଼ି ସଫା କରି ଦେବ ତା' ମା'ର ପଣତ ।

ଗାଡ଼ି ଆଗକୁ ଆଗକୁ ଯେତେ ବଢୁଥାଏ ସତ୍ୟର ସେତେ ସେତେ ଉତ୍କଣ୍ଠା ବଢ଼ି ବଢ଼ି ଚାଲିଥାଏ ।

ଗାଁକୁ ଯିବା ରାସ୍ତାରେ ଦୁଇ କଡ଼ରେ ପାଚିଲା ଧାନ ବିଲ, ସୋରିଷ କ୍ଷେତକୁ ଦେଖି ମନେ ପଡ଼ିଯାଉଥାଏ ସେଇ ପିଲା ଦିନ କଥା । ମୂଲିଆ ମାନଙ୍କ ସହିତ କେତେ ଥର ଧାନ ବିଲକୁ ଧାଇଁ ଯାଇଚି, ପାଚିଲା ଧାନ ଶିଷାକୁ ସାଉଁଟି ଟୋକେଇରେ ଭର୍ତ୍ତି କରି ଆସି ମା'କୁ ଦେଖେଇ କହିଚି ମା'ଲ ଦେଖ୍ ମୁଁ କେତେ ଧାନ ଶିଷା ଆଣିଚି ।

ମୂଲିଆ ମାନଙ୍କ ସହିତ ଖଳାରେ ପତୁଳି ପକେଇ ଗୁଣୁଗୁଣୁ ହୋଇ ଗୀତ ଗାଇବା ବେଳେ ସେମାନେ ହସିଦେଇ ପଚାରନ୍ତି ବାବୁ କି ଗୀତ ଗାଉଚୁ, ବିଚରା ସତ୍ୟ ଲାଜେଇ ଯାଏ ।

ହସଖୁସିର ଦିନ ଗୁଡ଼ିକରେ କ'ଣ ଗ୍ରହଣ ଲାଗିଗଲା କି !

କୁଆଡ଼ ? ଲୁଚିଗଲା ଯେ ଯେତେ ଖୋଜିଲେ ଆଉ ମିଳୁନି ।

ସତ୍ୟର ମନେ ପଡ଼ିଯାଉଥାଏ ବାଢୁ ମାମୁଁ,କୁଷନ୍,ସାଧୁ କାକା, ବାବାଜୀ କାକା ଏମିତି ଆହୁରି ଅନେକ ଲୋକଙ୍କ ନାଁ । ଆଦିବାସୀ , ଦଳିତ ହେଲେ ବି ସେମାନଙ୍କ ଭଲପାଇବା ପାଖରେ ସତ୍ୟ ସେମାନଙ୍କୁ ଅତି ନିଜର କରି ନେଇଥିଲା ।

ବାଡ଼ି ବଗିଚାରେ ପନିପରିବା ଚାଷ, ଗେଣ୍ଡୁଫୁଲରେ ମହକି ଯାଉଥିବା ଗଛ ଚାରି ପଟେ ପ୍ରଜାପତି ଭଳି ଧାଇଁ ବୁଲୁଥିବା ଦିନ ଆଜି ସାତ ସପନ ।

ଏମିତି ଭାବୁ ଭାବୁ କେତେବେଳେ ବାଟ ସରିଗଲାଣି ସତ୍ୟକୁ ଜଣା ପଡ଼ିଲାନି ।ଘର ଗେଟ୍ ପାଖରେ ପହଞ୍ଚି ଅଟକି ଗଲା ।

ଘର ଦୁଆରକୁ ଚାହିଁ ରହିଲା, କିଏ ଅଛି ଯେ ଆଉ ଧାଇଁ ଆସିବ ତାକୁ ସଂଖୁଳି ନେବାକୁ । ଗେଟ୍ ଖୋଲି ଗାଡ଼ି ଘର ବାଡ଼ିରେ ନେଇ ଥୋଇ ମା' ମା' ଡାକି ଘର ଭିତରକୁ ପଶିଗଲା ।

ମା' ବୁଢ଼ୀଟି ପଲଙ୍କ ଉପରେ ଚାଦର ଘୋଡ଼ ?ଇ ଶୋଇ ରହିଚି, ସବୁଦିନ ଭଳି କାହା ଅପେକ୍ଷାରେ ।

ସତ୍ୟ ମା'ପାଦ ଛୁଇଁ କହିଲା ମା' ମୁଁ ଆସିଚି ମୋତେ ଖାଇବାକୁ ଦେ । ମୋତେ ବହୁତ ଭୋକଲ ମା' । ବୁଢ଼ୀ ମା'ର ଥର ଥର କଣ୍ଠରୁ ବାହାରୁଥିଲା କିଏ ବାବୁ କିରେ ? ତୁ ଆସିଚୁ ବାପା ! ହଁ ମା' ତୋ ପୁଅ ତୋ ପାଖକୁ ଫେରି ଆସିଚି । ପୁଅ ମୁଣ୍ଡକୁ ଆଉଁସି ଆଉଁସି ମା' ଟି କହୁଥାଏ ମୋ ପୁଅ କ'ଣ ସତରେ ଫେରି ଆସିବ !!

ମୁଁ କ'ଣ ସତରେ ଆଉ ମୋ ପୁଅକୁ ଆଖି ପୁରେଇ ଦେଖିବି !

ସତ୍ୟ ଆଖିରୁ ଧାର ଧାର ହୋଇ ଲୁହ ଗଡ଼ି ପଡୁଥାଏ ଭାବୁଥାଏ ତା' ମା'ର ବିଶ୍ୱାସ କୁ ସେ କେମିତି ଫେରେଇ ଆଣିବ ! କେମିତି ତା' ମା'କୁ ସତ୍ୟର ସାମ୍ନା କରେଇବ ! ପୁଅ ପାଖରୁ ମା'ଯେଉଁ ଭରସା ବିଶ୍ୱାସ ପାଇବା କଥା ସେ କ'ଣ ତା' ମା'ର ପଣତ କାନି ରେ ଅଜାଡ଼ି ଦେଇ ପାରିବ ! ପ୍ରଶ୍ନ ବାଣରେ ପେଶି ହୋଇ ଯାଉଥିଲା ସତ୍ୟ ।

ଗୋଟିଏ ଅଧେ ନୁହେଁ, ମହାପ୍ରଭୁ ରାମଚନ୍ଦ୍ରଙ୍କ ବନବାସ ପରି କଳି ଯୁଗରେ ସତ୍ୟ ର ସହର ବାସ ଭାଙ୍ଗି ଦେଇଚି ବିଶ୍ୱାସ ଓ ଭଲପାଇବାର ଶାଖା ପ୍ରଶାଖା ମାନଙ୍କୁ ।ବୃନ୍ତଚ୍ୟୁତ ହୋଇ ଏଠି ସେଠି ପଡ଼ି ଭିଡ଼ ଜମେଇଚନ୍ତି ଛୋଟ ଛୋଟ ଆଶା ଭରସା ମାନେ ।ଆହା କି ରାହା ପାଉ ନଥିବା ମଣିଷ କ'ଣ କେବେ ସ୍ୱପ୍ନ ଦେଖିବା ସମ୍ଭବ !!

ଥରୁଟିଏ ମା' ଡାକରେ ମା' ହୃଦୟ ରେ ଯେଉଁ ମମତାର ଗଙ୍ଗା ବହେ ସେ ପବିତ୍ର ଗଙ୍ଗା କୁ କ'ଣ ସନ୍ତାନ ସତରେ ଭୁଲି ଯାଇପାରେ !!

*ବାରିପଦା, ମୟୂରଭଞ୍ଜ*
*ମୋ: ୮୯୧୭୫୭୧୨୦୨*




# ନିର୍ମାଣାଧିନ ଗରାପୁର-ଗଣ୍ଡାକିଆ ରାସ୍ତା ନିମ୍ନମାନର ଅଭିଯୋଗ

### କାର୍ଯ୍ୟାଦେଶ ବାତିଲ ଓ ନୂତନ ଠିକାଦାର ନିଯୁକ୍ତି ଦାବି



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ଡିଭିଜନ-୧ ଅଧିନସ୍ଥ ନିର୍ମାଣାଧିନ ଗରାପୁର- ଗଣ୍ଡାକିଆ ରାସ୍ତା ଅତ୍ୟନ୍ତ ନିମ୍ନମାନର ହେଉଥିବା ବେଳେ ଧାର୍ଯ୍ୟ ଗୁଣବତ୍ତା ସାମଗ୍ରୀ ବ୍ୟବହାର ହେଉନଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାଇ ଗରାପୁରସ୍ଥିତ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖ ଭି.ଆଇ.ପି. ରୋଡ ଠାରୁ କାଳି ମନ୍ଦିର, ସାନ୍ତସାହି ଦେଇ କେନାଲ ରୋଡରେ ଗଣ୍ଡାକିଆ ଯାଇଥିବା ୧୨ କିଲୋମିଟର ରାସ୍ତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେହି ରାସ୍ତା ଦେଇ ଜିଲ୍ଲାର ଅର୍ଦ୍ଧାଧିକ ଲୋକ, ସ୍କୁଲ, କଲେଜର ଛାତ୍ରଛାତ୍ରୀ, ଡାକ୍ତରଖାନା, କେନ୍ଦ୍ରାପଡା ବ୍ଲକ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ ଜିଲ୍ଲା ଅଦାଲତ ପ୍ରଭୃତିକୁ ଯାତାୟତ କରିଥାନ୍ତି। ଏଥିସହିତ କଟକ ଏବଂ ଭୁବନେଶ୍ୱରରୁ ପଟ୍ଟାମୁଣ୍ଡାଇ, ରାଜନଗର, ମହାକାଳପଡା ବ୍ଲକ ସମେତ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ୫ଟି ପଞ୍ଚାୟତର ଅଧିବାସୀମାନେ ବସ, ବାଇକ, କାର ପ୍ରଭୃତିରେ ଯାତାୟତ କରିଥାନ୍ତି। ଏହାବ୍ୟତିତ ଏହି ରାସ୍ତା ଦେଇ ଦୈନିକ ଶହ ଶହ ମାଲ ବୋଝେଇ ଟ୍ରକ ଯାତାୟତ କରିଥାଏ। କିନ୍ତୁ ଅପ୍ରଶସ୍ତ ଏବଂ ନିମ୍ନମାନର କାର୍ଯ୍ୟ ଯୋଗୁଁ ଦୀର୍ଘବର୍ଷ ହେବ ସେହି ରାସ୍ତାଟି ମରଣଯନ୍ତା ପାଲଟିଥିବା ଅଭିଯୋଗ ହୋଇଛି। କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ଡିଭିଜନ- ୧ ପକ୍ଷରୁ ସେହି ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ ପାଇଁ ୯୭୮. ୮୦ଲକ୍ଷ ଟଙ୍କାର ବ୍ୟୟ ଅଟ୍ଟକଳରେ ମୋଟ ୧୨କିଲୋମିଟର ୪୦୫ମିଟର ରାସ୍ତା ନିର୍ମାଣ ନିମନ୍ତେ ଏବେ ଠିକାଦାରଙ୍କୁ କାର୍ଯ୍ୟନିର୍ବାହ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ସଂପୃକ୍ତ ଠିକାଦାର ବିଭାଗର ଅଟ୍ଟକଳ ଅନୁଯାଇ କାର୍ଯ୍ୟ କରୁନଥିବା ଅଭିଯୋଗ ହୋଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ୧ମିଟର ଲେଖାଁଏ ସିମେଣ୍ଟ ବଜୁରୀ(୮ଇଞ୍ଚର) ଲଗାଯିବାକୁ ଥିବା ବେଳେ ତାହା କରାଯାଇନଥିବା, ରାସ୍ତାର ଉଭୟ ପାର୍ଶ୍ୱରେ ଜିଏସବି ୬ଇଞ୍ଚ ଲାଗିନଥିବା, ଡବ୍ଲୁ.ଏମ.ଏମ. ୪ଇଞ୍ଚ କରାଯାଇନଥିବା, ରାସ୍ତାର ଉଭୟ ପାର୍ଶ୍ୱରେ ୧୧ହଜାର ୬୯୯ ଟ୍ରିପ ମାଟି ବ୍ୟବହାର କରାଯିବାକୁ ଥିବା ବେଳେ ମୁଠାଏ ବି ମାଟି ବ୍ୟବହାର କରାନଯାଇ ଦୁଇ ପାର୍ଶ୍ୱକୁ କାଟି ଅତି ଦୁର୍ବଳ ଓ ବିପଦ ସଙ୍କୁଳ କରାଯାଇଥିବା ଅଭିଯୋଗ ହୋଇଛି। ଏହି ରାସ୍ତାର ନିର୍ମାଣ କାର୍ଯ୍ୟରେ ପାଣି ବ୍ୟବହାର କରାଯାଉନଥିବା ବେଳେ କାର୍ଯ୍ୟକୁ ବିଭାଗୀୟ ଯନ୍ତ୍ରୀ ତଦାରଖ କରୁନଥିବା ଅଭିଯୋଗ ହୋଇଛି। ଏତଦବ୍ୟତିତ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ଲୋକ ଆପତ୍ତି ଏବଂ ଅଭିଯୋଗ କରିବାରେ କେନ୍ଦ୍ରାପଡା ବ୍ଲକରେ ଥିବା କନିଷ୍ଠ ଯନ୍ତ୍ରୀ ବିନୟ ମିଶ୍ର ସେମାନଙ୍କୁ ଧମକ ଚମକ ଦେଉଥିବା ମଧ୍ୟ ଅଭିଯୋଗ ହୋଇଛି। ଏହି କାର୍ଯ୍ୟର ବିଧିବଦ୍ଧ ତଦନ୍ତ କରାଯିବା ସହ ସଂପୃକ୍ତ ଠିକାଦାରଙ୍କ କାର୍ଯ୍ୟାଦେଶ ବାତିଲ କରାଯାଇ ନୂତନ ଠିକାଦାରଙ୍କୁ ନିଯୋଜିତ କରାଯିବାକୁ ୫ଟି ପଞ୍ଚାୟତର ଅଧିବାସୀଙ୍କ ପକ୍ଷରୁ ଫକିର ଚରଣ ଖଟୁଆ, ସନ୍ତୋଷ କୁମାର ବେହେରା, ଉତ୍ତମ ସ୍ୱାଇଁ, ଅଞ୍ଜନ କୁମାର ମହାପାତ୍ର, ନିରଞ୍ଜନ ପରିଡା,ରଶ୍ମିରଞ୍ଜନ ଚୌଧୁରୀ, ଦିପ୍ତିରଞ୍ଜନ ମହାନ୍ତି, ପ୍ରକାଶ ଚନ୍ଦ୍ର ଲେଙ୍କା, ମହେନ୍ଦ୍ର ପରିଡା, ସୁନାକର ରାଉତ, ଉମାକାନ୍ତ ପରିଡା, ଲଲାଟେନ୍ଦୁ ଖଟୁଆ, ସୁଶାନ୍ତ କୁମାର ଦାସ, ବିଜୟ ପ୍ରଧାନ, ପ୍ରଭାକର ଲେଙ୍କା, ମୁରଲୀଧର ରାଉତ ପ୍ରମୁଖ ଶତାଧିକ ଲୋକ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି।

## ପଥର ଖାଦାନ ରେ ବୁଡି ଶିଶୁର ମୃତ୍ୟୁ

ଭୁବନେଶ୍ୱର, (ପି.ଏନ): ବାଲେଶ୍ୱର ଜିଲ୍ଲାରେ ଏକ ପରିତ୍ୟକ୍ତ ପଥର ଖାଦାନ ରେ ବୁଡି ଶିଶୁ ମୃତ୍ୟୁ ଘଟିଛି । ଏହାକୁ ନେଇ ସ୍ଥାନୀୟ ଅଂଚଳରେ ପ୍ରବଳ ଉତେଜନା ପ୍ରକାଶ ପାଇଛି ।

ମିଳିଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅଧିନ ଧୋବଶିଳା ପଂଚାୟତ ଚଲଣାପାଳ ଗାଁରେ ଏହି ଅଘଟଣ ଘଟିଛି । ଗାଁ ନିକଟରେ ସ୍ୱର୍ଣ୍ଣଚୂଡ଼ ସଂରକ୍ଷିତ ଜଙ୍ଗଲକୁ ଲାଗିଥିବା ପରିତ୍ୟକ୍ତ ପଥର ଖାଦାନରେ ଜମିଥିବା ପାଣିରେ ବୁଡି ଅଢେଇ ବର୍ଷର ଶିଶୁ ମୃତ ବରଣ କରିଛି। ମୃତକ ହେଲେ ତପନ ସିଂର ଅଢେଇ ବର୍ଷର ଅମିତ। ଗାଁ ରାସ୍ତାଟି ଖାଦାନକୁ ଲାଗିଥିବା ବେଳେ ଶିଶୁଟି ଖେଳୁଥିବା ବେଳେ ଅସାବଧାନତା କାରଣରୁ ଖାଦାନରେ ଖସି ପଡ଼ିଥିଲା।ଫଳରେ ତାଙ୍କୁ ଖୋଜାଖୋଜି କରିବା ପରେ ଖାଦାନରୁ ଉଦ୍ଧାର କରାଯିବା ବେଳକୁ ତାର ପ୍ରାଣବାୟୁ ଉଡି ଯାଇଥିଲା।ଶିଶୁଟିର ମୃତ୍ୟୁରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ତେବେ ଖାଦାନ କରିବା ପରେ ଖାଲ ପୋତିବା ନିୟମ ଥିବାରୁ ଖାଦାନ ଲିଜଧାରୀ ଖାଦାନ ପରେ ଛାଡ଼ିଦେଇ ଯାଇଥିବାରୁ ବର୍ଷା ପାଣି ଜମି ଏବେ ମରଣ ଯନ୍ତା ପାଲଟିଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପୂର୍ବରୁ ମଧ୍ୟ ଏହି ଖାଦାନରେ ଜୀବନ ଯାଇଥିବା ସୂଚନା ମିଳିଛି। ତୁରନ୍ତ ସ୍ଥାନୀୟ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଖାଦାନ ପୋତିବାର ବ୍ୟବସ୍ଥା କରିବାକୁ ଦାବୀ ହୋଇଛି।

# ବିଶ୍ୱହିନ୍ଦୁ ପରିଷଦ, ବିଜେପି ଓ ବିଜେଡ଼ିର ଜାତିବାଦ ରାଜନୀତି ଦେଶ ଗଠନରେ ବାଧକ ସୃଷ୍ଟି କରୁଛି

ଭୁବନେଶ୍ୱର (ପିଏନ୍)-ଗତ ତାରିଖ ସୋମବାର ଦିନ ଓଡ଼ିଶା ପ୍ରଦେଶ କଂଗ୍ରେସର ୧୦୦ବର୍ଷ ପୂର୍ତ୍ତି ଅସବରରେ ନବରଙ୍ଗପୁର ଜିଲ୍ଲା କଂଗ୍ରେସ କମିଟିର ତରଫରୁ ଏକ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଥିଲା । ଏହି ସମାବେଶରେ କଂଗ୍ରେସ ଦଳର ଜାତୀୟନେତା ଯଥା ଡଃ. କହ୍ନେୟା କୁମାର, ଗୁଜୁରାଟର ମାନ୍ୟବର ବିଧାୟକ ତଥା ଦଳିତ ନେତା ଶ୍ରୀ ଜିଗ୍ନେଶ ମେଓ୍ୱାନୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିହାର ପ୍ରଦେଶ କଂଗ୍ରେସର ପ୍ରଭାରୀ ଶ୍ରୀ ଭକ୍ତଚରଣ ଦାସ ଓ ଛତିଶଗଡ଼ ରାଜ୍ୟ ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରୀ ଶ୍ରୀ ଲକ୍ଷ୍ମୀ କାଓ୍ୱାସୀ ପ୍ରମୁଖ ଯୋଗଦାନ ଦେଇ ଜନସାଧାରଣ ଓ ଯୁବକମାନଙ୍କୁ ଏକତ୍ର ହୋଇ ନିଜକୁ ରାଷ୍ଟ୍ରୀୟ ଏକତ୍ରିକରଣ ସ୍ରୋତରେ ସାମିଲ ହେବା ପାଇଁ ବକ୍ତବ୍ୟ ପ୍ରଦାନ ସହ ହଜାର ହଜାର ସଂଖ୍ୟାରେ ଦଳିତ ଆଦିବାସୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏହି ସମାବେଶର ସଫଳତାରେ ଈର୍ଷାପରାୟଣ ହୋଇ କିଛି ତଥାକଥିତ ଅସାମାଜିକ ଯୁବକ ଯଥା ଶ୍ରୀ ଗୌରୀଶଙ୍କର, ଶ୍ରୀ ହିମାଂଶୁଶେଖର ମିଶ୍ର (ଆୟୁଷ ଡାକ୍ତର), ଶ୍ରୀ ମିହିର କୁମାର ମିଶ୍ର ଦଳିତ ନେତା ଜିଗ୍ନେଶ ମେଓ୍ୱାନୀ, ଶ୍ରୀ କହ୍ନେୟା କୁମାର, ଶ୍ରୀ ଲକ୍ଷ୍ମୀ କାଓ୍ୱାସୀ ଓ ଭକ୍ତଚରଣ ଦାସଙ୍କ ପ୍ରତି ଅପମାନ ସୂଚକ ମନ୍ତବ୍ୟ ଦେବା ସହ ଜାତିଆଣ ମନୋଭାବ ରଖି ସଭାସ୍ଥଳକୁ ପବିତ୍ର ଗଙ୍ଗାଜଳ ସିଂଚନ କରୁଥିବା ଭିଡ଼ିଓ ଭାଇରାଲ କରିଛନ୍ତି । ଯାହା ସଂପୂର୍ଣ୍ଣ ଭାବରେ ଦଳିତ ଆଦିବାସୀ ସମାଜର ସମ୍ମାନ ହାନି ହେବା ସହ ତାଙ୍କୁ ଶକ୍ତ ଆଘାତ ଦେଇଛି । ଯାହାଫଳରେ ସେମାନେ ମାନସିକ ଚାପରେ ରହିଛନ୍ତି । ନବରଙ୍ଗପୁର ଜିଲ୍ଲାରେ ଥିବା ଦଳିତ ଆଦିବାସୀମାନଙ୍କ ଭିତରେ ଏହା ତିବ୍ର ଉତେଜନା ସୃଷ୍ଟି କରିଛି । ନବରଙ୍ଗପୁର ଜିଲ୍ଲା ଏକ ଦଳିତ ଆଦିବାସୀ ବହୁଳ ଜିଲ୍ଲା । ଏହି ଜିଲ୍ଲାରେ ପ୍ରାୟ ୧୨% ପ୍ରତିଶତରୁ ଉର୍ଦ୍ଧ ଦଳିତ ଆଦିବାସୀ ବସବାସ କରନ୍ତି । ସ୍ୱର୍ଗତଃ ଜଗନ୍ନାଥ ତ୍ରିପାଠୀଙ୍କ ପୂର୍ବରୁ ଏହିଠାରେ ମିରୁ ହରିଜନ ବିଧାୟକ ରୂପେ ନିର୍ବାଚିତ ହୋଇଥିଲେ । ପୋଟାକୋଟା ଗ୍ରାମର ଅର୍ଜୁନ ହରିଜନ କୁଇଟ୍ ଇଣ୍ଡିଆ ମୁଭମେଂଟ୍‌ରେ ବ୍ରିଟିଶ ସରକାରଙ୍କ ଦ୍ୱାରା ଗିରଫ ହୋଇ ୧୯୪୨ ମସିହାରେ ବ୍ରହ୍ମପୁର ସ୍ଥିତ ଜେଲରେ ନଖାଇ ନପିଇ ମୃତ୍ୟୁବରଣ କରି ଦେଶ ପାଇଁ ବଳିଦାନ ଦେଇଥିଲେ । ନବରଙ୍ଗପୁର ଜିଲ୍ଲାର ମାଟିର ସଂାନ ମାନେ ଦେଶ ସ୍ୱାଧୀନତାରେ ନିଜକୁ ସମର୍ପଣ କରି ସହୀଦ ଲକ୍ଷ୍ମଣ ନାଏକଙ୍କ ସମେତ ଅନେକ ଦଳିତ ଆଦିବାସୀ ନେତା ଦେଶସ୍ୱାଧୀନତାରେ ନିଜକୁ ବଳିଦାନ ଦେଇଛନ୍ତି । ତେଣୁ ଏହି ପବିତ୍ର ମାଟିରେ ବସବାସ କରୁଥିବା ଜନସାଧାରଣ ତଥା ସମଗ୍ର ରାଜ୍ୟର ଦଳିତ ଆଦିବାସୀମାନଙ୍କର ସମ୍ମାନକୁ କ୍ଷୁର୍ଣ୍ଣ କରିବାର ଭଳି ଯେଉଁ ଘୃଣ୍ୟ କାର୍ଯ୍ୟ ଦୋଷୀମାନେ କରିଛନ୍ତି ତାହା ନିନ୍ଦନୀୟ ଓ ଜଘନ୍ୟ ଅପରାଧ । ଶ୍ରୀ ଗୌରୀଶଙ୍କର, ଶ୍ରୀ ହିମାଂଶୁ ଶେଖର ମିଶ୍ର (ଆୟୁଷ ଡାକ୍ତର), ଶ୍ରୀ ମିହିର କୁମାର ମିଶ୍ର ଗଙ୍ଗାଜଳ ସିଂଚନ କରି ନିର୍ଦ୍ଦିଷ୍ଟ ଜାତିର ଭାବଧାରାକୁ ଆକ୍ଷେପ କରି ମନ୍ତବ୍ୟ ଦେବା ଜଘନ୍ୟ ଅପରାଧ। ଏ ସଂପର୍କରେ ତା.୨୯.୧୨.୨୦୨୧ରିଖରେ ନବରଙ୍ଗପୁର ଜିଲ୍ଲା ଆଇ.ଆଇ.ସି.ଙ୍କ ନିକଟରେ ଏକ ଏଫ୍.ଆଇ.ଆର. ଦରଜ କରାଯାଇଅଛି । ପ୍ରକାଶ ଥାଉକି, ଉକ୍ତ ତିନିଜଣ ବ୍ୟକ୍ତି ବିଶ୍ୱହିନ୍ଦୁ ପରିଷଦ ଓ ବିଜେପି ସମର୍ଥକ ଅଟନ୍ତି । ବିଶ୍ୱହିନ୍ଦୁ ପରିଷଦ ଓ ବିଜେପି ଦଳର ଇଙ୍ଗିତରେ ସେମାନେ ଏହି ଘୃଣ୍ୟ କାମ କରିଛନ୍ତି ଯାହା ଦେଶରେ ଜାତି ଓ ଧର୍ମ ନାମରେ ଦେଶକୁ ଭାଗ ଭାଗ କରିବା ବିଶ୍ୱହିନ୍ଦୁ ପରିଷଦ ଓ ବିଜେପି ଦଳର ମୁଖ୍ୟ ଲକ୍ଷ୍ୟ ବୋଲି କୁହାଯିବ । ଭାରତୀୟ ସମ୍ବାଧାନ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ସମାନ ଅଧିକାର ଦେଇଅଛି । ଏକ ସ୍ପର୍ଶକାତରତା ଘଟଣା ବିଷୟରେ ଏ ପର୍ଯ୍ୟ' ସେଠାକାର ଏସ୍.ପି. ଓ ଜିଲ୍ଲା ପ୍ରଶାସନ କାହିଁକି ନିଜଆଡ୍ରୁ ସଂପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଏଫ୍.ଆଇ.ଆର. ଦାୟର କରିନାହାନ୍ତି । ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ପ୍ରଶାସନ ଏକ ସ୍ଥାଣୁ ପାଲଟି ଯାଇଛି ପରୋକ୍ଷରେ ସରକାର ଅପରାଧୀମାନଙ୍କୁ ଘଂଟଘୋଡାଇବାରେ ସାହାର୍ଯ୍ୟ କରୁଛନ୍ତି । ଏ ପର୍ଯ୍ୟ' କଳାହାଣ୍ଡି ଜିଲ୍ଲାର ମମିତା ମେହେର ହତ୍ୟାଘଟଣାରେ ନ୍ୟାୟ ଦେଇ ପାରୁନାହାନ୍ତି । ସେହି ଜିଲ୍ଲାରେ ଜାତିବାଦ ରାଜନୀତି ଏକ ସ୍ପର୍ଶକାତରତା ଘଟଣା ଏବଂ ଅସାମ୍ବିଧାନିକ ହୋଇଥିଲେ ମଧ୍ୟ ସରକାର ସେଥିପ୍ରତି ଧ୍ୟାନ ଦେଉନାହାନ୍ତି । ରାଜ୍ୟର ସାଢ଼େ ଚାରିକୋଟି ଓଡ଼ିଆ ବସବାସ କରୁଥିବାବେଳେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ସମସ୍ତେ ଜାତି,ଧର୍ମ,ବର୍ଣ୍ଣ ନିର୍ବିଶେଷରେ କୌଣସି ପକ୍ଷପାତ ନଥିବାବେଳେ ନବୀନ ପଟ୍ଟନାୟକ ସରକାର ଉକ୍ତ ଘଟଣାକୁ ଅଣଦେଖା କରିବା ନିନ୍ଦନୀୟ ଅଟେ । ପରୋକ୍ଷରେ ନବୀନ ପଟ୍ଟନାୟକ ସରକାର ସମ୍ବିଧାନ ବିରୋଧି କାର୍ଯ୍ୟ କରିଥିବା ମନେ ହୁଏ । ଏଥି ପାଇଁ ସାଧାରଣରେ ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ କ୍ଷମା ମାଗ୍ନ୍ତୁ ଏଣୁ ସାମ୍ବିଧାନିକ ନିୟମକୁ ଭଙ୍ଗ କରି ଅସମ୍ମାନ କରି ମନୁବାଦକୁ ଆପଣାଇଥିବା ଦଳ ବିଜେପି ଓ ବିଜେଡ଼ି ସମଦାୟୀ। ଏଣୁ ତୁରନ୍ତ ଦଳିତ ନିର୍ଯ୍ୟାତନା ଆଇନ ଅନୁସାରେ ଦୋଷିଙ୍କୁ ଗିରଫ କରିବା ପାଇଁ ଏବଂ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସମ୍ବିଧାନକୁ ସମ୍ମାନ ଦେବା ପାଇଁ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଦାବି କରାଯାଉଛି । ଯଦି ଦୋଷୀମାନଙ୍କ ପ୍ରତି ଖୁବ୍ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଆଗାମୀ ଦିନରେ କଂଗ୍ରେସ ଅନୁସୂଚିତ ଜାତିବିଭାଗ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ । ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ଅନୁସୂଚୀତ ଜାତି ବିଭାଗ ଅଧ୍ୟକ୍ଷ ଶ୍ରୀ ବାଙ୍କନିଧି ବେହେରା ଅଧ୍ୟକ୍ଷତା କରିଥିବା ବେଳେ ବିଧାୟକ ସଂନ୍ତୋଷି ସିଂ ସାଲୁଜା, ପିସିସି ମୁଖପାତ୍ର ଅମିୟ ପାଣ୍ଡବ, ସାଧାରଣ ସଂପାଦକ ଚିନ୍ମୟ ସୁନ୍ଦର ଦାସ ଓ ଖୋର୍ଦ୍ଧା ଜିଲ୍ଲା ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ଜୟନ୍ତ ଭୋଇ ଉପସ୍ଥିତ ଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ନୁଭୋକୋ ପକ୍ଷରୁ ମଣିତାରା ଅଙ୍ଗନୱାଡି କେନ୍ଦ୍ର, ଓଡ଼ିଶା ସିମେଂଟ ପ୍ଲାଂଟରେ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ




ଭୁବନେଶ୍ୱର : ଭାରତର ପଂଚମ ବୃହତମ ସିମେଂଟ ଗ୍ରୁପ ନୁଭୋକୋ ଭିସ୍ତାସ କର୍ପୋରେସନ ଲିମିଟେଡ ପକ୍ଷରୁ ଯାଜପୁରସ୍ଥିତ ଓଡ଼ିଶା ସିମେଂଟ କାରଖାନାର ମଣିତାରା ଅଙ୍ଗନବାଡ଼ି କେନ୍ଦ୍ରରେ ଏକ ମେଗା ହେଲ୍ଥ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି । ନୁଭୋକୋର ସିଏସଆର କାର୍ଯ୍ୟକ୍ରମ "ସୁସ୍ଥ ଭାରତ"ର ଏକ ଅଂଶ ଭାବରେ ଏହି ଶିବିର ନିଧୀ ଟ୍ରଷ୍ଟ ସହଯୋଗରେ ଆୟୋଜିତ ହୋଇଥିଲା । ଜେନେରାଲ ମେଡିସିନ ଏବଂ ଶିଶୁରୋଗ ଚିକିତ୍ସାରେ ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ଯୋଗାଇବା ଉପରେ ଏହି ପଦକ୍ଷେପ ଗୁରୁତ୍ୱାରୋପ କରିଥିଲା । ଏହି ଶିବିରରେ ଆସନବାହାଲି, ମଣିତାରା, ରାବାନା, ପୁରୁଣା ମଣିତାରା, ଆରସାହି ଆଦି ଗ୍ରାମର ହିତାଧିକାରୀମାନେ ଅଂଶଗ୍ରହଣ କରିଥିଲେ। ୩୦୦ରୁ ଅଧିକ ଲୋକ ସ୍ୱାସ୍ଥ୍ୟ ସେବା ପାଇଥିବା ବେଳେ ଏହି ପଦକ୍ଷେପ ଗୋଷ୍ଠୀ କଲ୍ୟାଣ ପାଇଁ ନୁଭୋକୋର ପ୍ରତିବଦ୍ଧତାକୁ ଆଲୋକପାତ କରିଛି । କାର୍ଯ୍ୟକ୍ରମରେ ବିଧାୟକ ପ୍ରତିନିଧି ସଞ୍ଜୟ ମହାନ୍ତି, ପ୍ରଭାସ ସିଂହ, ଓଡ଼ିଶା ସିମେଂଟ କାରଖାନାର ପ୍ଲାଂଟ ମୁଖ୍ୟ ରବୀନ୍ଦ୍ର ଧରକର, ମାନବ ସମ୍ବଳ ମୁଖ୍ୟ ମଣି ପାଣ୍ଡେ, ସିଏସଆର ମୁଖ୍ୟ ସୁରେନ୍ଦ୍ର କୁମାର ବେହେରା, ଓଡ଼ିଶା ସିମେଂଟ କାରଖାନାର ଫାର୍ମାସିଷ୍ଟ ତପନ ପଣ୍ଡାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହା ସମ୍ପର୍କରେ ଓଡ଼ିଶା ସେମେଂଟ ପ୍ଲାଂଟର ପ୍ଲାଂଟ ମୁଖ୍ୟ ରବୀନ୍ଦ୍ର ଧରକର କହିଛନ୍ତି, "ନୁଭୋକୋରେ ଆମେ ପଡ଼ୋଶୀ ସମ୍ପ୍ରଦାୟ ସହ ସହଭାଗିତା ମାଧ୍ୟମରେ ଅର୍ଥପୂର୍ଣ୍ଣ ପରିବର୍ତନ ଆଣିବା, ସେମାନଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣିବା ଏବଂ ମୂଲ୍ୟ ବଢ଼ାଇବାକୁ ଲକ୍ଷ୍ୟ ରଖିଛୁ। ଏହି ସ୍ୱାସ୍ଥ୍ୟ ଶିବିର ଏହି ସମ୍ପ୍ରଦାୟର କଲ୍ୟାଣରେ ଉନ୍ନତି ଆଣିବା ଏବଂ ସମସ୍ତଙ୍କ ପାଇଁ ଏକ ସୁସ୍ଥ, ଅଧିକ ସ୍ଥାୟୀ ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।

## ମୁକ୍ତେଶ୍ୱର ଓ ଅନନ୍ତ ଗୋପାଳ ପୀଠରେ ଗୀତା ଜୟନ୍ତୀ ପାଳିତ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ନୁଆଗାଁ ମୁକ୍ତେଶ୍ୱର ମନ୍ଦିର ପରିସରରେ ସରୋଜିନୀ ସ୍ୱାଇଁ ସ୍ମୃତି ସଂସଦ ପକ୍ଷରୁ ଗୀତା ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ସ୍ୱାଇଁଙ୍କ ତତ୍ୱାବଧାନରେ ଆୟୋଜିତ ଗୀତା ଜୟନ୍ତୀ ଉତ୍ସବରେ ଗୀତା ପାଠ ସହିତ ଗୀତା ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଶିକ୍ଷକ ନେତା ଯୁଧିଷ୍ଠିର ସ୍ୱାଇଁ, ବେଣୁଧର ନାୟକ, ଗୋଲକ ଚନ୍ଦ୍ର ପଲେଇ, ଈଶ୍ୱର ଚନ୍ଦ୍ର ପ୍ରଧାନ, କୃଷ୍ଣ ଚନ୍ଦ୍ର ବେହେରା, ପରମାନନ୍ଦ



ପାତ୍ର ଓ ଦେବେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ଗୀତା ପାଠ କରିଥିଲେ । ଗୀତା ଏକ ଶ୍ରେଷ୍ଠ ଗ୍ରନ୍ଥ ହୋଇଥିବାରୁ ଏହା ମାନବ ଜୀବନ ପାଇଁ ଦୈନିକ ପଠନ ଅପରିହାର୍ଯ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଉତ୍ସବରେ ସ୍ଥାନୀୟ ଅଂଚଳର ବହୁ ଲୋକ ଯୋଗଦେଇ ଗୀତାପାଠର ଉପକାରିତା ସମ୍ପର୍କରେ ଅବଗତ ହୋଇଥିଲେ । ସେହିପରି ଅରାବଳ ପଂଚାୟତରେ ଶ୍ରୀ ଅନନ୍ତ ଗୋପାଳ ଗୀତା ଭାଗବତ ଅନୁଷ୍ଠାନ ଆନୁକୁଲ୍ୟରେ ୨୫ତମ ଗୀତା ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ପ୍ରତିବର୍ଷ ପରି ଗୀତା ଜୟନ୍ତୀ ଅବସରରେ ଗୀତା ପାଠ କରାଯିବା ସହିତ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥାଏ । ଏହି ଅବସରରେ ପ୍ରବଚନ କାର୍ଯ୍ୟକ୍ରମ ସହିତ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥାଏ । ଶେଷ ଦିବସରେ ପୂର୍ଣ୍ଣାହୁତି କରାଯିବା ସହିତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥାଏ ।




# ଚାଟୁକାରିତା ସଫଳତାର ଶ୍ରେଷ୍ଠ ମାଧ୍ୟମ

ଯେତେବେଳେ ଜଣେ ବ୍ୟକ୍ତି ନିଜର ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ କିମ୍ବା ଅନୁଗ୍ରହ ପାଇବା ପାଇଁ ଅନ୍ୟ ଜଣେ ବ୍ୟକ୍ତି ବା ସଂଗଠନର ଅଯଥା ପ୍ରଶଂସା କରେ ବା ତା'ର ମହିମା ମଣ୍ଡନ କରେ ତାକୁ ଚାଟୁକାରିତା ବୋଲି କୁହାଯାଏ। ଏହି ଚାଟୁକାରିତା ମିଠା ଜହର ସହିତ ତୁଳନୀୟ, ଯାହାକୁ ଆମେ ଅତି ଆଗ୍ରହର ସହିତ ପିଇବାକୁ ରାଜି ହୋଇଥାଉ। ଇଂରାଜୀରେ ଚାଟୁକାରିତାକୁ କୁହାଯାଇଛି "Flattery is called adulation or blandishment, is the act of giving excessive compliments generally for the purpose of ingratiating oneself with the subject".

ଯେତେବେଳେ ଜଣେ ବ୍ୟକ୍ତିଆମକୁ ଅଯଥା ପ୍ରଶଂସା କରେ, ଆମେ ସେ ବ୍ୟକ୍ତିର ଉଦେଶ୍ୟକୁ ଠିକ ଭାବରେ ବିଚାର କରିପାରିନଥାଉ । ପ୍ରଶଂସା ଚାଟୁକାରିତା ନୁହେଁ। ପ୍ରଶଂସା ବ୍ୟକ୍ତିକୁ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେଇଥାଏ । କିନ୍ତୁ ଅଯଥା ପ୍ରଶଂସା ମୂଳରେ ବ୍ୟକ୍ତିର ମନ୍ଦ ଉଦ୍ଦେଶ୍ୟ ଲୁଚି ରହିଥାଏ। "ଋବଙ୍ଗଙ୍ଗରକ୍ଷଛ ସଙ୍ଗ ସଙ୍ଗ ବ ଲକ୍ଷ୍ମଙ୍କଞ୍ଚ କ୍ଟଲ ଷବଙ୍ଗଙ୍କରୟ. ଓଙ୍ଗ ମବଭ ଙ୍କଙ୍ଗର ଙ୍ଗକ୍ଟ ଞ୍ଚବଭସକ୍ଷ୍ମଙ୍କଷବଙ୍ଗର ମଷରବଙ୍ଗ, ୟରମରସଙ୍ଗର ବଭୟ ଷଙ୍କଙ୍କଙ୍ଗ କ୍ଟଙ୍ଗଷରଙ୍କଙ୍ଗ". ଆମକୁ ପ୍ରଶଂସା କରୁଥିବା ବ୍ୟକ୍ତିର ମନ୍ଦ ଉଦେଶ୍ୟ ଅଛି କିମ୍ବା ଆମକୁ ଖୁସି କରିବା ପାଇଁ ପ୍ରଶଂସା କରୁଛି ଆମେ ସେ କଥାକୁ ଭାବି ନଥାଉ । ଲମା ଇକ୍‌ବାଲ୍ ଯେ କି ଜଣେ ପ୍ରଖ୍ୟାତ କବି ଓ ଦାର୍ଶନିକ ଥିଲେ ଏହି ଚାଟୁକାରିତା ଉପରେ ଗୋଟିଏ ଗଳ୍ପ ଲେଖିଥିଲେ, ଯାହାର ନାଁ ଥିଲା 'ଇ ସ୍ୱକ୍ଷ୍ମସୟରଙ୍କ ବଭୟ ବ ଋକ୍ଷଛ' । ଗାଳ୍ପିକ ଏହି ଗଳ୍ପରେ ଲେଖିଛନ୍ତି ଯେ ଗୋଟିଏ ବୁଢିଆଣୀ ମାଛିକୁ ତା' ଘରକୁ ଆସିବାକୁ ନିମନ୍ତ୍ରଣ କଲା । ମାଛିଟି ବୁଝିପାରିଲା ବୁଢିଆଣୀର ମନ୍ଦ ଉଦେଶ୍ୟ, ଯେଉଁଥିପାଇଁ ସେ ତା'ର ନିମନ୍ତ୍ରଣ ରକ୍ଷା କରିବାକୁ ମନା କରିଦେଲା । ବୁଢିଆଣୀ ବହୁତ ଚାଲାକ । ତେଣୁ ସେ ମାଛିର ସୌନ୍ଦର୍ଯ୍ୟକୁ ଓ ତା'ର ଗୁଣୁଗୁଣୁ ସଂଗୀତକୁ ଖୁବ ପ୍ରଶଂସା କଲା । ମାଛିଟି ବୁଢିଆଣୀର ପ୍ରଶଂସାରେ ତା'ର ମନ୍ଦ ଉଦ୍ଦେଶ୍ୟକୁ ଭୁଲିଯାଇ ନିମନ୍ତ୍ରଣକୁ ସ୍ୱୀକାର କଲା ଓ ଶେଷରେ ବୁଢ଼ୀଆଣୀର ଶୀକାର ହେଲା । ଠିକ୍ ସେହିଭଳି ବିଲୁଆ ଓ କାକ କଥା ଲୋକମୁଖରେ ଅଛି । କାକଟି ଖଣ୍ଡିଏ ମାଂସ ଖଣ୍ଡ ଧରି ଗଛ ଉପରେ ଖାଉଥିଲା । ବିଲୁଆଟି ବହୁତ ଭୋକିଲା ଥିଲା । ସେ ଗଛ ତଳେ ଛିଡ଼ା ହୋଇ ଭାବୁଥିଲା ମୁଁ କିପରି ମାଂସ ଖଣ୍ଡଟି ପାଇବି । ଚତୁରତାର ସହିତ କାକଟିକୁ ସେ ଖୁବ୍ ପ୍ରଶଂସା କରିବାକୁ ଲାଗିଲା । କାକଟି ଆନନ୍ଦରେ ବିଭୋର ହୋଇ ତା'ର ପାଟିକୁ ଆଁ କରିଦେବା ଫଳରେ ମାଂସ ଖଣ୍ଡଟି ତଳେ ଗଳିପଡ଼ିଲା । ଚତୁର ବିଲୁଆ ଆନନ୍ଦରେ ମାଂସଖଣ୍ଡ ଖାଇ ତା'ର କ୍ଷୁଧା ମେ ।ଇଲା । ଅତୀତରେ ଏହି ଚାଟୁକାରିତା ଭିଭିନ୍ନ କ୍ଷେତ୍ରରେ ଥିଲା ଆଜିବି ଅଛି। ବ୍ୟକ୍ତି ନିଜର ସ୍ୱାର୍ଥସାଧନ ପାଇଁ, ଅର୍ଥ ଉପାର୍ଜନ କରିବା ପାଇଁ, ରାଜନୀତି କ୍ଷେତ୍ରରେ ପଦପଦବୀ ପାଇଁ, ଚାକିରୀ କ୍ଷେତ୍ରରେ ପଦୋନ୍ନତି ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଅଯଥା ପ୍ରଶଂସା କରିଥାଏ । ଏପରିକି ଅଧିକାରୀଙ୍କୁ ଖୁସି କରିବା ପାଇଁ ସବୁ କିଛି ପନ୍ଥା ଅବଲମ୍ବନ କରିବାକୁ ପଛାଏ ନାହିଁ । ଆଜିର ଦୁନିଆରେ କିଛି ବ୍ୟକ୍ତି ଅଛନ୍ତି ତାଙ୍କର ଯୋଗ୍ୟତା ଠାରୁ ତାଙ୍କୁ ଅଧିକ ପ୍ରଶଂସା କଲେ ସେ ବହୁତ ଆନନ୍ଦ ଅନୁଭବ କରନ୍ତି ଓ ଆଉ କିଛି ଲୋକ ଅଛନ୍ତି ସେମାନଙ୍କୁ ଅଯଥା ପ୍ରଶଂସା ଭଲ ଲାଗେନାହିଁ । ସେଇଭଳି ବ୍ୟକ୍ତିବିଶେଷଙ୍କ ସଂଖ୍ୟା ସମାଜରେ ନଗଣ୍ୟ। ପୂର୍ବେ ରାଜଦରବାରରେ କିଛି ଲୋକ ନିଯୁକ୍ତି ହେଉଥିଲେ ରାଜାଙ୍କ ମହିମା ଗାନ କରିବା ପାଇଁ। ରାଜା ଯେତେବେଳ ପ୍ରତ୍ୟେକ ଦିନ ରାଜଗାଦିରେ ଆସୀନ ହେଉଥିଲେ ସେମାନେ ଉଚ୍ଚ ସ୍ୱରରେ ରାଜାଙ୍କ ମହିମା ମଣ୍ଡନ କରୁଥିଲେ। ସେମାନଙ୍କୁ ଭାଟ ବୋଲି କୁହାଯାଏ । ରାଜା ପ୍ରୀତ ହୋଇ ସେମାନଙ୍କୁ କିଛି ଅର୍ଥ ଓ ଉପଢୌକନ ଆଦି ପ୍ରଦାନ କରୁଥିଲେ। ଓଡିଶା ପରିପ୍ରେକ୍ଷୀରେ ବିଚାରକଲେ ଜଣାଯାଏ ଯେ ଷୋଡଶ ଶତାବ୍ଦୀ ବେଳକୁ ଓଡିଶାରେ ଅନେକ କବି ଯଥା–ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ ଦାସ, ଅଭିମନ୍ୟୁ ସାମନ୍ତସିଂହାର ପ୍ରଭୃତି କାବ୍ୟ ରଚନା କରି ରାଜଦାରବାରରେ ତାହାର ଭଣିତା କରୁଥିଲେ । କାରଣ ସାଧାରଣ ମଣିଷ ପାଖରେ ସାହିତ୍ୟ ଅପହ ଥିଲା । ଏହି ସମୟର ସାହିତ୍ୟକୁ କେତେକ ଦରବାରୀ ସାହିତ୍ୟ ବୋଲି ଅବିହିତ କରନ୍ତି, କାରଣ ଏହା ରାଜଦରବାର ଭିତରେ ସୀମିତ ଥିଲା। କାବ୍ୟ ଆଲୋଚନା ଆଳରେ କବିବୃନ୍ଦ ନିଜର ପାଣ୍ଡିତ୍ୟ ପ୍ରର୍ଦଶନ କରିବା ସହିତ ରାଜା ମାନଙ୍କ ସ୍ତୁତି ବା ପ୍ରଶଂସା ଗାନ କରୁଥିଲେ ଓ ତା' ବିନମୟରେ କିଛି ଅର୍ଥ ଓ



ପ୍ରଦୀପ୍ତ କୁମାର ଜେନା

ଉପଢୌକନ ପ୍ରାପ୍ତ ହେଉ ଥିଲେ । ସମୟ ସମୟେ କବିମାନଙ୍କ ଅଯଥା ପ୍ରଶଂସା ଓ ଚାଟୁକାରିତା ସୀମା ଲଂଘନ କରିଯାଉଥିଲା। ଏହି ଚାଟୁକାରିତାରେ ଖୁବ୍ଧ ହୋଇ କବି ଦୀନକୃଷ୍ଣ ଦାସ ରସକଲ୍ଲୋଳ କାବ୍ୟରେ ସେହି ଚାଟୁକାରୀମାନଙ୍କ ଉଦେଶ୍ୟର ସମାଲୋଚନା କରି କହିଛନ୍ତି "କବି ଯା କରେ ମୂର୍ଖକୁ ସ୍ତୁତି। ଏଥିରୁ ବଳି ନାହିଁ ବିପ ି । ଏଥିକି ଭଲା ଛାତିକି ମାରିବା କାତି ।"

ତତ୍କାଳୀନ ସାହିତ୍ୟିକ ଓ କବିମାନେ କିଛି ଅର୍ଥ ଉପାର୍ଜନ କରିବା ପାଇଁ ଓ ଜଣେ ପ୍ରତିଷ୍ଠିତ କବି ଭାବରେ ରାଜାଙ୍କ ନିକଟରୁ ଉପାଧି ପ୍ରାପ୍ତ ହେବ ପାଇଁ ଚାଟୁକାରିତାକୁ ପସନ୍ଦ କରୁଥିଲେ । ପରବ ର୍ ସମୟରେ ଭାରତ ଯେତେବେଳେ ବ୍ରିଟିସର୍ସ ମାନଙ୍କ ଅକ୍ତିଆରକୁ ଗଲା ବା ଭାରତରେ ବ୍ରିଟିଶର୍ସମାନେ ନିଜର ସାମ୍ରାଜ୍ୟ ପ୍ରତିଷ୍ଠା କଲେ, ଆମ ଦେଶର କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠିର ଲୋକ ମନେ ବ୍ରିଟିର୍ଶସ ମାନଙ୍କୁ ସହଯୋଗ କରିବା ସହିତ ସେମାନଙ୍କ ନିକଟରେ ଚାଟୁକାରିତା କଲେ । ଯାହାଫଳରେ ତତ୍କାଳୀନ ବ୍ରିଟିଶ ଇଣ୍ଡିଆ ସରକାର ସେମାନଙ୍କୁ ଭିଭିନ୍ନ ପଦପଦବୀରେ ଭୂଷିତ କରିଥଲେ। ବ୍ରିଟିଶ ଇଣ୍ଡିଆ ସରକାର କିଛି ଯୋଗ୍ୟ ବ୍ୟକ୍ତିମାନଙ୍କୁ ପଦ ପଦବୀ ଦେଉଥିଲା ବେଳେ କିଛି ଅଯୋଗ୍ୟ ଚାଟୁକାରମାନଙ୍କୁ ଭିଭିନ୍ନ ପଦ ପଦବୀ ପ୍ରଦାନ କରୁଥିଲେ। ୧୮୯୬ ମାସିହାରେ କଟକ ବାରବାଟୀ ଦୁର୍ଗରେ ଏକ ଦରବାର ବସିଥିଲା । ସେହି ଦରବାରକୁ ଅନେକ ରାଜା ମହାରାଜା ଓ ଜମିଦାର ମାନଙ୍କୁ ନିମନ୍ତ୍ରଣ ଥିଲା । ସେହି ଦରବାରରେ ଦୁଇଜଣ ବ୍ୟକ୍ତି ଯଥା ପଠାଣି ସାମନ୍ତ ଏବଂ ରାଧାନାଥ ରାୟଙ୍କ ଭଗିନୀ ପତି ଗୋବିନ୍ଦ ବଲ୍ଲଭ ରାୟଙ୍କୁ ଉପାଧି ପ୍ରଦାନ ନିମନ୍ତେ ନିମନ୍ତ୍ରଣ କରାଯାଇଥିଲା ଓ କୌଣସି କାରଣ ବଶତଃ ସେହି ଦରବାରରେ ପଠାଣି ସାମନ୍ତ ଅନୁପସ୍ଥିତି ଥିଲେ ଓ ପରବ ର୍ ସମୟରେ ଏକ ସ୍ୱତନ୍ତ୍ର ଉତ୍ସବ ଜରିଆରେ ତାଙ୍କୁ ମହାମାହୋପାଧ୍ୟା ଉପାଧି ପ୍ରଦାନ କରାଯାଇଥିବା ବେଳେ ସେଦିନର ଦରବାରରେ ରାଧାନାଥ ରାୟଙ୍କ ଭଗିନୀ ପତି ଗୋବିନ୍ଦ ବଲ୍ଲଭଙ୍କୁ ରାୟ ବହାଦୁର ଉପାଧି ପ୍ରଦାନ କରାଯାଇଥିଲା । ସେହି ଦରବାରରେ ଆସିଥିବା ରାଜା ଓ ଜମିଦାର ମାନଙ୍କ ଆଡମ୍ବରପୂର୍ଣ୍ଣ ଆଗମନ ଓ ଅଯୋଗ୍ୟ ବ୍ୟକ୍ତିଙ୍କୁ ରାୟବାହାଦୁର ଉପାଧି ପ୍ରଦାନକୁ କବି ନିଜ ଲେଖା ଦରବାର କାବ୍ୟରେ ବ୍ୟଙ୍ଗ ବା ସମାଲୋଚନା କରିଛନ୍ତି । ସେ କହିଛନ୍ତି ଯେଉଁମାନେ ବ୍ରିଟିଶ ଇଣ୍ଡିଆ ସରକାରଙ୍କୁ ସହଯୋଗ କରୁଥିଲେ ଓ ସେମାନଙ୍କ ନିକଟରେ ଚାଟୁକାରିତାରେ ଲିପ୍ତ ଥିଲେ ସେହି ଅଯୋଗ୍ୟ ବ୍ୟକ୍ତି ମାନଙ୍କୁ ଉପାଧି ପ୍ରଦାନ କରାଯାଇ ସେମାନଙ୍କୁ ସନ୍ତୁଷ୍ଟ କରାଯାଉଥିଲା । ବ୍ରିଟିଶ ଶାସନ ସମୟରେ ଅନେକ ଓଡ଼ିଆ ଅର୍ଥ ଓ ପଦ ପଦବୀର ଲୋଭରେ ସେମାନଙ୍କ ନିକଟରେ ଚାଟୁକାରିତା କରୁଥିଲେ, ଯେଉଁଥି ପାଇଁ ତତ୍କାଳୀନ କବି ମଧୁସୂଦନ ଦାସ ନିଜ କବିତା ମାଧ୍ୟମରେ ସମାଲୋଚନା କରି କହିଛନ୍ତି "ତୁ ମନେ ଭାବିଛୁ ତୋଷାମଦ କରି ବଢ଼ାଇବୁ ଜାତି ମାନ, ତୋଷାମଦିଆର କୁକୁର ପ୍ରକୃତି ଅଇଁଠା ପତରେ ମନ ।" ଅନୁରୂପ ଭାବେ ସ୍ୱଭାବ କବି ଗଙ୍ଗାଧର ମେହେର ନିଜ ଲେଖା 'ପ୍ରଣୟ ବଲ୍ଲରୀ' କାବ୍ୟରେ ଉଲ୍ଲେଖ କରିଛନ୍ତି "ଅନାହୁତ ହୋଇ ଆସି କେହି ତୋର ଅଯଥା ପ୍ରଶଂସା କଲେ ଜାଣିଥିବୁ ତା'ର ଆଗମନ ତୋତେ ଠକିବାକୁ କଉଶଳେ ।"

ତତ୍କାଳୀନ ସମୟରେ ପଦପଦବୀର ମୋହକୁ ଦୂରେଇ ଦେବାକୁ ଯାଇ ଯମୁନାଲାଲ୍ ବାଜାଜ ଇଂରେଜ ମାନଙ୍କ ପ୍ରଦ ରାୟବାହାଦୁର ଉପାଧିକୁ ପ୍ରତ୍ୟାଖ୍ୟାନ କରିଥିଲେ। ଚାକିରୀ ଓ ପଦୋନ୍ନତି କ୍ଷେତ୍ରରେ ଜଣେ ଅଯୋଗ୍ୟ ବ୍ୟକ୍ତି କିଭଳି ଚାଟୁକାରିତା ଓ ବିଭିନ୍ନ କଳା କୌଶଳ ଆପଣାଇ ସଫଳତାର ସିଡ଼ି ଚଢି ଯୋଗ୍ୟ ବ୍ୟକ୍ତିମାନଙ୍କୁ ପଛରେ ପକାଇ ଗୋଟିଏ କମ୍ପାନୀର ସର୍ବେସର୍ବା ହୋଇପାରେ ତାହା ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କ ଦାନା ପାଣି ଉପନ୍ୟାସରେ ସ୍ପଷ୍ଟ ଭାବରେ ବର୍ଣ୍ଣିତ ହୋଇଛି । ବଳିଦ ନାମକ ଏକ ଚରିତ୍ର ମାଧ୍ୟମରେ ଗୋପୀନାଥ ମହାନ୍ତି ଏହି ସତ୍ୟକୁ ଉପସ୍ଥାପିତ କରିବାକୁ ପ୍ରୟାସ କରିଛନ୍ତି। ବଳିଦ କଂପାନୀର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଥିଲା । ସେ କମ୍ପାନୀ ମାଲିକ ଓ ତାଙ୍କ ସ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଘୁଷୁରୀ ମଳ ନିଜେ କାନ୍ଧରେ ଭାର କରି ଆଣି କମ୍ପାନୀ ମାଲିକଙ୍କ ବଗିଚାରେ ଥିବା ଗୋଲାପ ଗଛରେ ଦେଉଥିଲେ । ସୁନ୍ଦର ଗୋଲାପ ଫୁଲ ଫୁଟିଲା ପରେ ମାଲିକଙ୍କ ସହଧର୍ମିଣୀ ବଳିଦ ଉପରେ ନିଜର ଖୁସି ପ୍ରକଟ କଲେ । ଆସ୍ତେ ଆସ୍ତେ ମାଲିକ ଓ ତାଙ୍କ ସହଧର୍ମିଣୀ କିଭଳି ଖୁସି ହେବେ ବଳିଦ ସେହି କାର୍ଯ୍ୟ କରିଚାଲିଲେ । ମାଲିକଙ୍କ ଖୁସି ପାଇଁ ଶେଷରେ ବଳିଦ ନିଜ ସ୍ତ୍ରୀ ସରୋଜିନୀଙ୍କୁ ମଧ ମାଲିକଙ୍କ ନିକଟରେ ସର୍ମପଣ କରିଦେଇଥିଲେ । ମାଲିକ ବଳିଦ ର ଚାଟୁକାରିତା ଉପରେ ଏତେ ଖୁସି ହୋଇଗଲେ ଯେ ଶେଷରେ ତାକୁ କମ୍ପାନୀର ସର୍ବେସର୍ବା କରିଦେଲେ ।

ଆଜି ସମାଜରେ ବଳିଦ ଭଳି ଚରିତ୍ରର ଅଭାବ ନାହାନ୍ତି । ନିଜର ସ୍ୱାର୍ଥ ହାସଲ କରିବା ପାଇଁ ସବୁକିଛି ପନ୍ଥା ଅବଲମ୍ବନ କରିବାକୁ ଆଜିର ମଣିଷ ପ୍ରସ୍ତୁତ । ଅଧୁନା ରାଜନୀତିରେ ଚାଟୁକାରଙ୍କ ସଂଖ୍ୟା ଅଧିକ। ଭିଭିନ୍ନ ରାଜନୈତିକ ଦଳରେ ଏଭଳି ବ୍ୟକ୍ତିଙ୍କ ଅଭାବ ନାହିଁ। କ୍ଷମତାରେ ଥିବା ଦଳରେ ଏହା ଅଧିକ ଦେଖିବାକୁ ମିଳେ। କିଏ ପଦ ପଦବୀ ପାଇବା ପାଇଁ ତ କିଏ ମନ୍ତ୍ରୀ ହେବା ପାଇଁ ଚାଟୁକାରିତା କରୁଛି । ଓଡ଼ିଶାର ବିଜେଡି ନେତା ସୂର୍ଯ୍ୟପାତ୍ର ଥରେ କହିଥିଲେ ସେ ନବୀନ ବାବୁଙ୍କ ଚାକର। ଏ କଥା କହିଲେ ନବୀନ ବାବୁ ଖୁସି ହେବେ ଓ ତାଙ୍କୁ ମନ୍ତ୍ରୀପଦରେ ଅବସ୍ଥାପିତ କରିବେ। ମହାରାଷ୍ଟ୍ରର ବିଜେପି ପ୍ରବକ୍ତା ଅବଧୂତ ବାଗ କହିଥିଲେ ନରେନ୍ଦ୍ର ମୋଦି ବିଷ୍ଣୁଙ୍କ ଅବତାର। ଠିକ୍ ସେଇଭଳି ସାଂସଦ କଙ୍ଗନା ରଣାୱତ୍ କହିଥିଲେ ମୋଦି ଜଣେ ସାଧାରଣ ବ୍ୟକ୍ତି ନୁହନ୍ତି ସେ ଜଣେ ଦୈବୀ ସମ୍ପୂର୍ଣ୍ଣ ବ୍ୟକ୍ତି। କୌଣସି କାରଣ ପାଇଁ ସେଇ ସାଂସଦ ଯଦି ବିଜେପି ଦଳ ପରିବ ର୍ନ କରି ଅନ୍ୟ ଦଳକୁ ଯାଏ ସେ ମୋଦିଙ୍କର ଚଉଦ ପରୁଷ ଉଦ୍ଧାର କରିବେ । ଓଡ଼ିଶାର ସାଂସଦ ବସନ୍ତ ପଣ୍ଡା କହିଲେ ପୂର୍ବ ଜନ୍ମରେ ମୋଦି ଛତ୍ରପତି ଶିବାଜୀ ଥିଲେ। ଏଇଭଳି କହିଲେ ମୋଦି ଖୁସି ହେଇ ମନ୍ତ୍ରୀ ପଦ ଦେବେ । ଏବେ ବିଜେଡି ଦଳର ନେତା ସଂତୃପ୍ତ ମିଶ୍ର ପାଣ୍ଡିଅନକୁ ନେହେରୁ ସହିତ ତୁଳନା କରିଥିଲେ । ଏଇଭଳି ଅନେକ ନେତା ରାଜନୀତିରେ ନିଜର ଫାଇଦା ବା ସ୍ୱାର୍ଥ ପାଇଁ ତାଙ୍କର ଦଳ ମୁଖ୍ୟଙ୍କର ଚାଟୁକାରିତା କରିଥା'ନ୍ତି । ଏହା ସବୁଦଳରେ ଦେଖିବାକୁ ମିଳେ । ଯୋଗ୍ୟ ବ୍ୟକ୍ତି ମାନଙ୍କୁ ଆଜି ସମାଜରେ ଉପେକ୍ଷା କରାଯାଉଥିବା ବେଳେ ଚାଟୁକାରମାନଙ୍କୁ ଚାକିରୀ କ୍ଷେତ୍ର ହେଉ, ରାଜନୀତି କ୍ଷେତ୍ର ହେଉ ବା ସାମାଜିକ କ୍ଷେତ୍ର ସବୁଥିରେ ଆଗକୁ ଯିବା ପାଇଁ ସୁଯୋଗ ମିଳୁଛି । ଯିଏ ଯେତେ ଚାଟୁକାରିତା କରିବ ସେ ସେତେ ଆଗକୁ ବଢ଼ିବ । ଯୋଗ୍ୟ ଓ ସ୍ୱାଭିମାନୀ ବ୍ୟକ୍ତି ସବୁ ସମୟରେ ସମାଜରେ ଅବହେଳିତ । ଚାକିରୀ କ୍ଷେତ୍ରରେ ଉଚ୍ଚପଦସ୍ତ ଅଫିସରଙ୍କ ସହିତ ତାଙ୍କ ମ୍ୟାଡମ୍‌ଙ୍କୁ ଯିଏ ଖୁସି କରିପାରିବ ସେ ଯେତେ ଅଯୋଗ୍ୟ ହେଇଥାଉନା କାହିଁକି ତା'ର ଯଥା ସମୟରେ ପଦୋନ୍ନତି ହେବା ସହିତ ଭଲ ଭଲ ସ୍ଥାନରେ ପୋଷ୍ଟିଂ ହୋଇ ଭଲ ଦି' ପଇସା ଉପୁରି କରିପାରିବ । ଏହି ଚାଟୁକାରିତା ଏକ ବ୍ୟାଧି

ସଦୃଶ୍ୟ । ଦେଶରୁ ଦୂର ନହେଲେ ସମାଜ କଳୁଷିତ ହେବ ଓ ଯୋଗ୍ୟ ବ୍ୟକ୍ତିମାନେ ନିଜ ଅଧିକାରରୁ ବ ୍ତ ହେବେ । ଚାଟୁକାରୀମାନଙ୍କ ପ୍ରତି ସମସ୍ତେ ସାବଧାନ ରହିବା ଉଚିତ୍ ଓ ସେମାନଙ୍କର ଅଯଥା ପ୍ରଶଂସା ମୂଳରେ ସେମାନଙ୍କର ଅସଲି ଉଦେଶ୍ୟକୁ ଚିନ୍ତା କରିବା ଉଚିତ୍ ।

*ଅବସରପ୍ରାପ୍ତ ପୋଲିସ୍ ଅଫିସର୍*

*ଗଞ୍ଜାମ. :*

*୮୨୪୯୨୮୧୫୬୭*

## ଫିରିଙ୍ଗିଆଠାରେ କିନ୍ନର ମାନଙ୍କର ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ

କନ୍ଧମାଳ,(ପିଏନ)– କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଉନ୍ନିତ ଉଚ୍ଚବିଦ୍ୟାଳୟ ଖେଳପଡିଆ ଠାରେ କନ୍ଧମାଳ ଜିଲ୍ଲା କିନ୍ନର ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁର୍ଗିମାତା କିନ୍ନର ସଂଘ ଫିରିଙ୍ଗିଆ ଶାଖା ଅନୁକ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ସଂଘ ର ସଭାପତି ମୁନି କିନ୍ନର ସଭାପତିତ୍ୱ କରିଥିବା ବେଳେ କନ୍ଧମାଳ ଜିଲ୍ଲା ରାଇକିଆ ର କିନ୍ନର ମାନଙ୍କ ଗୁରୁ ସଂଧ୍ୟାରାଣୀ କହଁର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସାମାଜିକ ଦୁରତା ବଜାୟ ରଖି କୋଭିଡ ନିୟମ ଅନୁସାରେ ଆୟୋଜିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଘୁ.ଉଦୟଗିରି ରୁ ଝୁମୁକା ନାୟକ ,ବାଲିଗୁଡାରୁ ବିଷ୍ଣୁପ୍ରିୟା ପ୍ରଧାନ ,ତୁମୁଡିବନ୍ଧ ବ୍ଲକରୁ ସୁମନ ବାରିକ , ରାଇକିଆରୁ ଲିପସା କିନ୍ନର ,ଫୁଲବାଣୀରୁ ପାୟଲ କିନ୍ନର ,କ.ନୁଆଁଗାଁରୁ ନିଲୁ ବିଶୋୟୀ,ଖଜୁରିପଡା ବ୍ଲକରୁ ଶିତଲ କିନ୍ନର , କୋଟଗଡରୁ ସଂନ୍ଧ୍ୟା କିନ୍ନରଙ୍କ ସହ ଜିଲ୍ଲାର ପ୍ରାୟ ସମସ୍ତ ବ୍ଲକରୁ ଜଣେ ଲେଖାଏଁ ପ୍ରତିନିଧି ଯୋଗ ଦେଇଥିଲେ । ଫିରିଙ୍ଗିଆ କିନ୍ନର ସଂଘର ସମ୍ପାଦକ ରିଙ୍କି କିନ୍ନର ଓ ମନିସା ମଲ୍ଲିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ତେବେ କିନ୍ନର ମାନେ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ଏହା ସହ ସେମାନଙ୍କୁ ସରକାରୀ ପ୍ରୋତ୍ସାହନ ଭତା ପ୍ରଦାନ, ଉଚ୍ଚ ଶିକ୍ଷିତ କିନ୍ନର ମାନଙ୍କୁ ସରକାରୀ ଚାକିରି ଦେବା କିନ୍ନର ମାନଙ୍କୁ ସ୍ୱୟଂସହାୟକ ଗୋଷ୍ଠୀ ଗଠନ କରିବା ଦିଗରେ ରାଜ୍ୟସରକାର ପଧକ୍ଷେପ ନେବା ଜରୁରି ବୋଲି ବୈଠକରେ ଆଲୋଚନା ହୋଇଥିଲା। ।

## ଫିରିଙ୍ଗିଆରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ

### ୮୫ ୟୁନିଟ ରକ୍ତ ସଂଗୃହିତ

କନ୍ଧମାଳ,(ପିଏନ)–କନ୍ଧମାଲ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସଦରମହକୁମା ଠାରେ ଥିବା ବିଜୁକଲ୍ୟାଣ ମଣ୍ଡପରେ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ସ୍ୱେଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏହି ଶିବିର ଜିଲ୍ଲା ବିଜୁ ଜନତା ଦଳର ସଭାପତି ସରୋଜ କର୍ଣ୍ଣଙ୍କ ପରିଚାଳନାରେ ଆୟୋଜିତ ହୋଇଥିଲା । ଏଥିରେ କନ୍ଧମାଳ ଜିଲ୍ଲା ପରିଷଦର ଉପାଧ୍ୟକ୍ଷା ସାରତୀ ମଲ୍ଲିକ,ଜିଲ୍ଲା ବିଜେଡି ଯୁବ ସଭାପତି ବିଷ୍ଣୁଚରଣ ମଲ୍ଲିକ,ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷ ଲାଲନନ୍ଦ ପ୍ରଧାନ,ଜିଲ୍ଲା ପରିଷଦ ସଦସ୍ୟା ଜୟଶ୍ରୀ କହଁର,ସମିତି ସଭ୍ୟ ପ୍ରତାପ କୁମାର ସାହୁ,ବିଜୁ ଜନତା ଦଳ ଫିରିଙ୍ଗିଆ ସଭାପତି ପ୍ରଦୀପ କୁମାର ବେହେରାଙ୍କ ସମେତ ଅନ୍ୟ ବିଜୁ ଜନତା ଦଳର କର୍ମୀମାନେ ଉପସ୍ଥିତ ରହି ରକ୍ତ ଦାନ କରିଥିଲେ ।

## ହୀଦ ବାଜି ରାଉତଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ଦାବିରେ ମହିଳା ଶିଶୁ ବିଭାଗ ମନ୍ତ୍ରୀଙ୍କୁ ସମାଜବାଦୀ ପାର୍ଟିର ପତ୍ର

ଭୁବନେଶ୍ୱର, (ପିଏନ)– ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ଶହୀଦ ବାଜି ରାଉତ (୫ ଅକ୍ଟୋବର ୧୯୨୬ – ୧୧ ଅକ୍ଟୋବର ୧୯୩୮)ଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରିବା, ଜାତୀୟ ସ୍ତରରେ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା ଓ ରାଜଧାନୀରେ ବାଜି ରାଉତଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଦାବିକରି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଦେଶର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ସ୍ମୃତି ଇରାନୀଙ୍କ ପାଖକୁ ଆଜି ବାଜି ରାଉତଙ୍କ ୮୨ତମ ଶହୀଦ ଦିବସ ଉପଲକ୍ଷେ ଏକ ପତ୍ର ଲେଖାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ଲିଖିତ ଏହି ପତ୍ରର ଏକକିତା ନକଲ ଦେଶର ପ୍ରଧାନମନ୍ତ୍ରୀ, କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ପ୍ରଦାନ କରାଯାଇ ଏ ଦିଗରେ ବିହିତ ପଦକ୍ଷେପ ନେବାପାଇଁ ଅନୁରୋଧ କରାଯାଇଛି । ଏହି ପତ୍ରରେ ଶ୍ରୀ ବେହେରା ଦର୍ଶାଇଛନ୍ତି ଯେ, ୧୨ ବର୍ଷର ବାଳକ ବାଜି ରାଉତଙ୍କର ତ୍ୟାଗ ଅତୁଳନୀୟ । ଜାତୀୟ ଇତିହାସ ପୃଷ୍ଠାରେ ତାଙ୍କ ତ୍ୟାଗ ପାଇଁ ଯେଉଁ ସ୍ଥାନ ମିଳିବା କଥା, ତାହା ମିଳିପାରିନାହିଁ । ଦେଶର ସ୍ୱାଧୀନତା ସଂଗ୍ରାମରେ ସେ ଥିଲେ ସର୍ବକନିଷ୍ଠ ଶହୀଦ । ଆଜିର ପିଢୀ ତାଙ୍କ ଜୀବନୀରୁ ଅନେକ କିଛି ଶିଖିପାରିବ। ଆଜିର ଶିଶୁମାନଙ୍କ ଭିତରେ ବାଜି ରାଉତଙ୍କ ତ୍ୟାଗ ଓ ସାହାସର ବ୍ୟାପକ ପ୍ରଚାର ଓ ପ୍ରସାରର ଆବଶ୍ୟକତା ରହିଛି । ତେଣୁ ଏହାକୁ ଆଖି ଆଗରେ ରଖି ଶହୀଦ ବାଜି ରାଉତଙ୍କ ନାମରେ ଜାତୀୟ ସ୍ତରରେ ଏକ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରାଯାଉ ଏବଂ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା କରାଯାଇ ତାଙ୍କ ପ୍ରତିମୂର୍ତ୍ତିକୁ ସେଠାରେ ସ୍ଥାନିତ କରାଯିବାକୁ ଶ୍ରୀ ବେହେରା ଦାବି କରିଛନ୍ତି । ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ମଧ ଏ ଦିଗରେ ରାଜ୍ୟ ସରକାର ବିହିତ ପଦକ୍ଷେପ ନେବାପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଇ-ମେଲ୍ ଯୋଗେ ଏକ ପତ୍ର ପ୍ରଦାନ କରି ଅନୁରୋଧ କରିଛନ୍ତି ।

### ଚୋରା ମଦ ବିକ୍ରି ବନ୍ଦ କରିବାକୁ ଯାଇଥିବା ମହିଳା ପୁଲିସଙ୍କୁ ଆକ୍ରମଣ

## ଜଣେ ଗିରଫ, ଅନ୍ୟମାନେ ଫେରାର

ବାରିପଦା,(ପିଏନ)– ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ତଥା ବିଶୋଇ ଥାନା ନିକଟ ଶନିବାର ସାପ୍ତାହିକ ହାଟରେ କେତେକ ମହିଳା ସବୁ ଦିନ ବସି ହାଣ୍ଡିଆ ସହ ମହୁଲି ମଦ ବିକ୍ରି କରିଥାନ୍ତି । କେବଳ ହାଟ ବାରି ଦିନ ହାଣ୍ଡିଆ ଓ ମଦ ପିଇବା ନିମନ୍ତେ ସେମାନଙ୍କ ନିକଟରେ ବେଶ ଗହଳି ଜମି ଥାଏ । ଏହି ହାଣ୍ଡିଆ ଓ ଦେଶୀ ମହୁଲି ମଦ ବିକ୍ରିକୁ ବନ୍ଦ କରିବା ନିମନ୍ତେ ବିଶୋଇ ଥାନା ମହିଳା ପୁଲିସ କର୍ମଚାରୀ ମଞ୍ଜୁଲତା ସାହୁ ହାଣ୍ଡିଆ ଓ ମଦ ବିକ୍ରି କରୁଥିବା ମହିଳାମାନଙ୍କୁ ତାଗିଦ କରିଥିଲେ । କିନ୍ତୁ ପୁଲିସର ସତର୍କବାଣିକୁ ମହିଳାମାନେ ନ ମାନି ସେମାନଙ୍କର ବ୍ୟବସାୟ ଜାରି ରଖିଥିଲେ । ଖବରପାଇ ବିଶୋଇ ଥାନା ମହିଳା ପୁଲିସ ପହଁଚି ହାଣ୍ଡିଆ ଓ ମଦ ବିକ୍ରିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ପରେ ଉଭୟଙ୍କ ମଧରେ ପ୍ରଥମେ କଥାକଟାକଟି ଓ ପରେ ହାତାହାତି ଆରମ୍ଭ ହୋଇଯାଇଥିଲା । ଦୁଇ ଜଣ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀ ଯାଇଥିବା ମହିଳା ପୁଲିସ କର୍ମଚାରୀମାନଙ୍କୁ ମିଳିତ ଭାବେ ଆକ୍ରମଣ କରିଥିଲେ । ଏହାପରେ ମହିଳା ପୁଲିସ କର୍ମଚାରୀ ମଧ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀମାନଙ୍କୁ ଆକ୍ରମଣ କରୁଥିବାର ଏକ ଭିଡ଼ିଓ ମଧ ସାମାଜିକ ଗଣମାଧମରେ ଭାଇରାଲ ହୋଇଥିଲା । ଏହାପରେ ମହିଳା ପୁଲିସ କର୍ମଚାରୀ ସ୍ଥାନୀୟ କାଣ୍ଡରା ଗ୍ରାମର କାପୁରା ମାର୍ଣ୍ଡିଙ୍କୁ ଧରି ଥାନାକୁ ନେଇ ଯାଇଥିଲେ ଏବଂ ଥାନାରେ ୯୯/୨୦୨୦ରେ ଏକ ମାମଲା ରୁଜୁ କରି ବେଆଇନ ଭାବେ ଚୋରା ମଦ ବିକ୍ରି କରିବା ଓ ପୁଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ଭିଯୋଗରେ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛି । ପୁଲିସ ପକ୍ଷରୁ ତାକୁ ଧରିବା ନିମନ୍ତେ ତଲାସୀ ଜାରି ଥିବାର ଜଣାପଡ଼ିଛି ।

## ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ

ଭୁବନେଶ୍ୱର, (ପିଏନ)– ଆନ୍ତର୍ଜାତୀୟ ବାଳିକା ଦିବସ ଅବସରରେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ଆଜି ପୂର୍ବାହ୍ନରେ ଆୟୋଜିତ ରାଜ୍ୟସ୍ତରୀୟ ୱେବିନାରରେ ରାଜ୍ୟର କିଶୋରୀମାନଙ୍କ ନିମନ୍ତେ ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି ମୋ ସ୍ୱର, ଆମର ସମାନ ଭବିଷ୍ୟତ । ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁଙ୍କ ଦ୍ୱାରା ଏହି ପ୍ୟାକେଜ ଲୋକାର୍ପିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରାଜ୍ୟର ୧୦ରୁ ୧୯ ବର୍ଷ ବୟସର କିଶୋରୀମାନଙ୍କ ସାମଗ୍ରିକ ବିକାଶ ଏବଂ ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ଏବଂ ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଜରିଆରେ ଏହା କାର୍ଯ୍ୟକାରୀ କରାଯିବ ।

ଏହି ୱେବିନାରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ଶ୍ରୀମତୀ ସାହୁ କହିଲେ, ଅଦ୍ୱିକାର ଅର୍ଥ ଅଦ୍ୱିତୀୟ କରି ଗଢ଼ି ତୋଳିବାରେ ଏହା ଏକ ଅଭିନବ ପ୍ରୟାସ । ନିଜ ସମସ୍ୟାକୁ ବୁଝିପାରିଲେ ନିଜ ଅଧିକାର ପାଇଁ ସେମାନେ ଲଢ଼ି ଶିଖିବେ ଏବଂ ସମାଜରେ ଦୃଢ଼ ଭାବେ ଠିଆ ହୋଇପାରିବେ । ପ୍ରତ୍ୟେକ ଝିଅଙ୍କ ସୁରକ୍ଷିତ, ସୁଖପୂର୍ଣ୍ଣ ଉଜ୍ୱଳ ଭବିଷ୍ରତ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ମନ୍ତ୍ରୀ ଶ୍ରୀମତୀ ସାହୁ କହିଥିଲେ ।



୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Sunday June 01 | ଭୁବନେଶ୍ୱର ରବିବାର, ୦୧, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



# ସର୍କେଲଙ୍କ ବିରୁଦ୍ଧରେ ବୃଦ୍ଧି ପାଉଛି ଜନ ଅସନ୍ତୋଷ !



ପାରାଦୀପ,(ପି.ଏନ): ଇଫକୋ ରେ ଜିପସମ ପରିବହନ କରୁଥିବା ଟ୍ରକ ମାଲିକ ସଙ୍ଘ ସହିତ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଙ୍କ ବିଷୟରେ ଜନୈକ ନେତା ବାପି ସର୍କେଲ ଆପତିଜନକ ମନ୍ତବ୍ୟ କୁ ପାରାଦୀପ ଟ୍ରକ ମାଲିକ ସଂଘର ମିଳିତ ସମନ୍ୱୟ କମିଟି (ଜେସିସି) ବିରୋଧ କରିବା ସହିତ ସମାଲୋଚନା କରିଛି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସନ୍ଧ୍ୟାରେ ପାରାଦୀପ ଟ୍ରକ ମାଲିକସଙ୍ଘ କାର୍ଯ୍ୟାଳୟ ପରିସରରେ ସଂଘର ସଭାପତି ବିରଞ୍ଚି ନାରାୟଣ ପରିଡା (ଆଲୋକ) ଙ୍କ ସଭାପତିତ୍ୱରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ ରେ ଜଗନ୍ନାଥ ଟ୍ରକ ମାଲିକ ସଙ୍ଘ ସଭାପତି ତଥା ଜେସିସି ସଂଯୋଜକ ରାକେଶ କୁମାର ଜେନା,ପାରାଦୀପ ଟ୍ରକ ମାଲିକ ସଙ୍ଘ ର ସମ୍ପାଦକ ରାଜେଶ ମହାନ୍ତି, ସହସମ୍ପାଦକ ଅକ୍ଷୟ କୁମାର ସ୍ୱାଇଁ, ଜଗନ୍ନାଥ ଟ୍ରକ ମାଲିକ ସଙ୍ଘ ର ସମ୍ପାଦକ ବିଶ୍ୱରଞ୍ଜନ ପଲାଇ, ସହସମ୍ପାଦକ ସୁଧିର କୁମାର ଜେନା ଙ୍କ ସମେତ ବହୁ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ନିକଟରେ ସର୍କେଲ ଙ୍କ ମନ୍ତବ୍ୟ କୁ ବିରୋଧ କରିଥିଲେ । ଦୀର୍ଘ ଦିନ ହେବ ଟ୍ରକ ମାଲିକ ମାନେ ଦୁର୍ଦ୍ଦିନ ଦେଇ ଗତି କରୁଥିବା ବେଳେ ନୂତନ ସରକାର ଆସିବା ଏବଂ ସ୍ଥାନୀୟ ନେତା ସମ୍ପଦ ସ୍ୱାଇଁ ପାରାଦୀପ ବିଧାୟକ ଓ ମନ୍ତ୍ରୀ ହେବା ପରେ ତାଙ୍କ ର ଉଦ୍ୟମ ଓ ସହଯୋଗରେ ଟ୍ରକ ବ୍ୟବସାୟରେ କିଛିଟା ସୁଧାର ଆସିଛି । ଏତଦବ୍ୟତୀତ ଇଫକୋ ସାର କାରଖାନାରୁ ଜେସିସି ମାଧ୍ୟମରେ ୭କ୍ଷ ପ୍ରତିଶତ ଜିପସମ ଉଠାଇବା ପାଇଁ ମଧ୍ୟ ନିଶ୍ଚିତ ହୋଇଛି । ତେବେ ଆମକୁ ଯିଏ ସହଯୋଗ କରୁଛନ୍ତି ଆମେ ସମସ୍ତ ଟ୍ରକ ମାଲିକ ତାଙ୍କ ପାଖରେ କୃତଜ୍ଞ କ୍ଷ ତେବେ ଗାଡି ମାଲିକ ଙ୍କ ଉନ୍ନତି ବିଷୟରେ ଚ଼ିନ୍ତା ନକରି ସଙ୍ଘ କୁ ରାଜନୀତି ଭିତରକୁ ଠେଲିବାର ଅପଚେଷ୍ଟା ନକରିବାକୁ ସର୍କେଲ ଙ୍କୁ ଜେସିସି ର ନେତୃତ୍ୱ ମାନେ ଚେତାବନୀ ଦେଇଛନ୍ତି ।

# ପାରାଦୀପ କଲ୍ୟାଣ ଅଧିକାରୀ ନିରୋଜ ପଟ୍ଟନାୟକଙ୍କ ଅବସର



ପାରାଦୀପ,(ପି.ଏନ): ପାରବାଦୀପ ବନ୍ଦର ପ୍ରାଧିକରଣ ର ବରିଷ୍ଠ କଲ୍ୟାଣ ଅଧିକାରୀ ନିରୋଜ ପଟ୍ଟନାୟକ ମଇ ୩୧ ତାରିଖ ଦିନ ବନ୍ଦର ସେବାରୁ ଅବସର ଗ୍ରହଣ କରିଛନ୍ତି । ଶ୍ରୀ ପଟ୍ଟନାୟକ ନିଜର ସ୍କୁଲ ତଥା କଲେଜ ଶିକ୍ଷା ପାରାଦୀପରେ ସମାପ୍ତ କରି ୧୯୯୨ ମସିହାରେ ପାରାଦୀପ ବନ୍ଦରରେ କନିଷ୍ଠ ହିନ୍ଦୀ ଅନୁବାଦକ ଭାବେ ଚ଼ାକିରି ଜୀବନ ଆରମ୍ଭ କରିଥିଲେ । ୨୦୦୫ ମସିହାରେ ସେ ପଦୋନ୍ନତି ପାଇ ବନ୍ଦରରେ ହିନ୍ଦୀ ଅଧିକାରୀ ହୋଇଥିଲେ ଓ ରାଜଭାଷା ହିନ୍ଦୀର ପ୍ରଚ଼ାର ପ୍ରସାର ପାଇଁ କାର୍ଯ୍ୟ କରିଥିଲେ ଯାହା ଫଳରେ ପାରାଦୀପ ବନ୍ଦର ବିଭିନ୍ନ ମଞ୍ଚରେ ରାଜଭାଷା ହିନ୍ଦୀରେ ପ୍ରଚ଼ାର ପ୍ରସାରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ସମ୍ମାନିତ ହୋଇଥିଲା । ହିନ୍ଦୀ ଅଧିକାରୀ ଭାବରେ ସେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ପରିଚ଼ିତ ଥିଲେ ଏବଂ ଏକ ନିଆରା ପରିଚ଼ୟ ସୃଷ୍ଟି କରିପାରିଥିଲେ । ପରେ ପରେ ଶ୍ରୀ ପଟ୍ଟନାୟକ ୨୦୧୯ ମସିହାରେ ବରିଷ୍ଠ କଲ୍ୟାଣ ଅଧିକାରୀ ଭାବେ ପଦୋନ୍ନତି ପାଇଥିଲେ । ନିଜ ଚ଼ାକିରି ଜୀବନ ମଧ୍ୟରେ ଶ୍ରୀ ପଟ୍ଟନାୟକ ବନ୍ଦରର ଗୋପବନ୍ଧୁ କ୍ରୀଡ଼ା ସଂସଦ, ଜଗନ୍ନାଥ ଲଳିତ କଳା ସଂସଦ, ସାଗରିକା କଳା ନିକେତନ, କାନ୍ଭାସ, ଜଗନ୍ନାଥ ସମାଜ, ଭେଟରାନ ଫୁଟବଲ କ୍ଲବ ଆଦି ଅନୁଷ୍ଠାନ ସହିତ ସଂଶ୍ଳିଷ୍ଟ ଥିଲେ । ଜଣେ ଫୁଟବଲ ଖେଳାଳି ଭାବରେ ବନ୍ଦରର କର୍ମଚ଼ାରୀ ଓ ଅନ୍ୟ ମାନଙ୍କୁ ନେଇ ସବୁଦିନ ସକାଳେ ଫୁଟବଲ ଖେଳିବା ସଙ୍ଗେ ସଙ୍ଗେ ଅନ୍ୟ ମାନଙ୍କୁ ଉତ୍ସାହିତ କରୁଥିଲେ । ବନ୍ଦରର ଜଣେ ଅଧିକାରୀ ଭାବରେ ତାଙ୍କର ବେଶ ସୁନାମ ରହିଥିଲା ଏବଂ ଅନେକ ସମୟରେ ବିଭିନ୍ନ କାର୍ଯ୍ୟକ୍ରମରେ ତାଙ୍କୁ ମିଡ଼ିଆ ସଂଯୋଜକ ଭାବରେ କାର୍ଯ୍ୟ କରୁଥିବା ମଧ୍ୟ ଦେଖିବାକୁ ମିଳିଥିଲା । ଶ୍ରୀ ପଟ୍ଟନାୟକ ପାରାଦୀପ ବନ୍ଦରରେ ଜଣେ ସରଳ, ମିଷ୍ଟଭାଷୀ, ସ୍ପଷ୍ଟବାଦୀ, କର୍ତବ୍ୟନିଷ୍ଠ, ନିଷ୍ଠାପର, ଶୃଙ୍ଖଳିତ, ପରୋପକାରୀ ଅଧିକାରୀ ଭାବରେ ପରିଚ଼ିତ ଥିଲେ । ତାଙ୍କର ଅବସର ଦିନଟି ଛୁଟି ପଡୁଥିବାରୁ ୩୦ ତାରିଖ ଦିନ ପୂର୍ବାହ୍ନରେ ଅଫିସର୍ସ ଆସୋସିଏସନ ତରଫରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଶାସନିକ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚ଼ାରୀ ମାନେ ନିଜ ନିଜର ଅନୁଭୂତି ରଖିବା ସଙ୍ଗେ ସଙ୍ଗେ ଶ୍ରୀ ପଟ୍ଟନାୟକଙ୍କର ସରସ ଓ ନିରାମୟ ଜୀବନ କାମନା କରି ତାଙ୍କୁ ବିଦାୟ ଦେଇଥିଲେ । ବିଦାୟ କାଳୀନ କାର୍ଯ୍ୟକ୍ରମରେ ଶ୍ରୀ ପଟ୍ଟନାୟକ ସମସ୍ତ କର୍ମଚ଼ାରୀ ଭାଇ ଭଉଣୀ ମାନଙ୍କୁ ନିଷ୍ଠାପର ଭାବରେ ବନ୍ଦର ପାଇଁ କାର୍ଯ୍ୟ କରି ବନ୍ଦରକୁ ୧ ନମ୍ବର ସ୍ଥାନରେ ବଜାଇ ରଖିବାକୁ ନିବେଦନ କରିଥିଲେ ଏବଂ ପାରାଦୀପ ବନ୍ଦର ତଥା ସମସ୍ତ ଅଧିକାରୀ ଓ କର୍ମଚ଼ାରୀ ମାନଙ୍କ ଠାରୁ ପାଇଥିବା ସ୍ନେହ ଓ ଆଦରକୁ ସେ କେବେ ବି ଭୁଲି ପାରିବେ ନାହିଁ ବୋଲି କହିଥିଲେ ।

# ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଜଗନ୍ନାଥ ରାୟଙ୍କ ୩୭ତମ ଜୟନ୍ତୀ ପାଳିତ



ଯାଜପୁର,(ପି.ଏନ): ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଜଗନ୍ନାଥ ରାୟଙ୍କ ୩୭ତମ ଜୟନ୍ତୀ ଚିତାଳୋ ଭାଗବତ କମିଟି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । କମିଟିର ସଦସ୍ୟ ପୂର୍ବତନ ଜିଲ୍ଲା ପରିଷଦର ସଭାପତି ରଞ୍ଜିତା ରାଉତ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନନୀୟ ଅତିଥି ଭାବେ ଚିତାଳୋର ସରପ ବିଜୟଲକ୍ଷ୍ମୀ ଶତପଥୀ ଏବଂ ମୁଖ୍ୟ ଅତିଥିଭାବେ କଂଗ୍ରେସର ବରିଷ୍ଠ ନେତା ସନ୍ତୋଷ ନନ୍ଦ ଯୋଗଦେଇ ଚିତାଳୋ ହାଇସ୍କୁଲ ଠାରେ ଥିବା ପ୍ରତିମୂ ୍ତିରେ ମାଲ୍ୟାର୍ପଣ କରିବା ପରେ ସ୍ୱର୍ଗତ ରାୟ ଜଣେ ପରୋପକାରୀ ମଣିଷ ଥିଲେ । ସଂଗ୍ରାମୀ ବିଟୀଶ ଶାସନ କାଳରେ ସେ ଅଦାଲତର ଜୁରୀଭାବେ କାର୍ଯ୍ୟ କରୁଥିଲେ । ତାଙ୍କ ସମୟରେ ସମଗ୍ର ମାନବ ସମାଜ ପାଇଁ ୧୨୦ ଏକର ପୈତୃକ ସମ୍ପ ି କୁ ସେ ବିକ୍ରି କରି ସେହି ଅର୍ଥରେ ସ୍କୁଲ ଏବଂ ଲୋକଙ୍କ ସେବାରେ ଉତ୍ସର୍ଗ କରିଥିଲେ । ନିଜର ଗ୍ରାମର ଦିନଦରିଦ୍ର ମାନଙ୍କୁ କୌଣସି ଦିନ ଦୁଃଖରେ ରହିବା ପାଇଁ ଦେଇ ନଥିଲେ । ସେ ସମାଜର ଯାବତୀୟ ସମସ୍ୟାକୁ ନିର୍ବାହ କରିଥିଲେ । ଚିତାଳ ମାଟିକୁ ଜନ୍ମ ହୋଇ ସମଗ୍ର ଓଡ଼ିଶାରେ ନିଜର ପରିଚୟ ସୃଷ୍ଟି କରିଥିଲେ । ସେ ଜଣେ ମହାନ ବ୍ୟକ୍ତିତ୍ୱ ତାଙ୍କର ନିସ୍ୱାର୍ଥପରଭାବେ ଜନସାମାଜ ସେବା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସ୍ୱର୍ଗତ ରାୟକଙ୍କ ଫଟୋ ଚିତ୍ର ସଂସ୍କୃତି ଭବନରେ ଥିବା ସଂଗ୍ରାମୀ ମାନଙ୍କର ଗହଣରେ ସ୍ଥାପିତ କରିବା ପାଇଁ ଜିଲ୍ଲାପାଳ ଓ ସଂସ୍କୃତି ଅଧିକାରୀଙ୍କ ସହ ଆଲୋଚନା କରାଯିବା ପାଇଁ ଉକ୍ତ ସଭାରେ ବରିଷ୍ଠ ନେତା ସନ୍ତୋଷ ନନ୍ଦ ପ୍ରସ୍ତାବ ରଖିଥିଲେ । ସଭାରେ ଉପସ୍ଥିତ ସମସ୍ତ ଭାଗବତ କମିଟିର ସଦସ୍ୟମାନେ ପୁଷ୍ପ ଦେଇ ନିଜର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ସ୍ୱର୍ଗତ ରାୟ ଜୀବନାବଳୀକୁ ଆଲୋଚନା କରିଥିଲେ । ଏହି ସଭାରେ ମୁଖ୍ୟତଃ ଦଶରଥପୁର ବ୍ଲକର ଭାଇସ୍ ଚେୟାରମନ୍ୟା, ଚିତାଳୋ ହାଇସ୍କୁଲର ପ୍ରଧାନ ଶିକ୍ଷକ ନଗେନ୍ଦ୍ର ମିଶ୍ର, ବିଜୟ କୁମାର ରାୟ, ଜଗନ୍ନାଥ ରାୟ, ନିମାଇଁ ଚରଣ ରାୟ, ରସାନନ୍ଦ ରାଉତ, ଦୀଲିପ ରାୟ, ରବି ଶତପଥୀ, ଦାମୋଦର ରାଉତରାୟ, ବ୍ରହ୍ମାନନ୍ଦ ସେଠୀ, ନଗେନ୍ଦ୍ର ସେଠୀ, କିଶୋର ଯେନା, ଭରତ ସାମଲ, ଅଶ୍ୱିନୀ ଯେନା, ଶୈଳେନ୍ଦ୍ର ରାୟ, ସଂଗ୍ରାମ ସାହାଣୀ, ଅଶୋକ ରାଉତରାୟ, ମନୋରଂଜନ ରାଏ ସମେତ ଚିତାଳୋ ହାଇସ୍କୁଲର ସମସ୍ତ ଶିକ୍ଷକମାନେ ଉପସ୍ଥିତ ଥିଲେ ।

# ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ




ଜଗତସିଂହପୁର, (ପି ଏନ): କେନ୍ଦ୍ରୀୟ କୃଷି, କିସାନ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ମାନ୍ୟବର ଶ୍ରୀ ଶିବରାଜ ସିଂହ ଚୌହାନଙ୍କ ଆହ୍ୱାନରେ ଆଜି (୨୯ ମଇ) ଠାରୁ ଦେଶବ୍ୟାପୀ 'ବିକଶିତ କୃଷି ସଂକଳ୍ପ ଅଭିଯାନ' ଆରମ୍ଭ ହେଉଛି । ଏହି ଅଭିଯାନ ୧୨ ଜୁନ୍ ପର୍ଯ୍ୟନ୍ତ ଚାଲିବ ଏବଂ ଏଥିରେ କେନ୍ଦ୍ରୀୟ କୃଷି ମନ୍ତ୍ରାଳୟ, ରାଜ୍ୟ କୃଷି ବିଭାଗ ଏବଂ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଓଉଇଜ) ମିଳିତ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିବେ । ଏହି ଅଭିଯାନ ଅଧୀନରେ ସାରା ଭାରତର ୭୦୦ରୁ ଅଧିକ ଜିଲ୍ଲାରେ ପ୍ରାୟ ୨୦୦୦ ବୈଜ୍ଞାନିକ ଦଳ ଯୋଗଦେବେ ଏବଂ ଆନୁମାନିକ ୧.୫ କୋଟି କୃଷକଙ୍କ ସହିତ ସିଧା ସମ୍ପର୍କ ସ୍ଥାପନ କରାଯିବ । ଏଥିରେ ନୂତନ କୃଷି ପ୍ରଯୁକ୍ତି, ସରକାରୀ ଯୋଜନା ଏବଂ ଉନ୍ନତ ବୀଜ ଓ ରୋଗ ପ୍ରତିରୋଧ ବିଷୟରେ ଚାଷୀମାନଙ୍କୁ ସୂଚ଼ନା ଦିଆଯିବ । ପରିଶେଷରେ, କୃଷକମାନଙ୍କ ପ୍ରତିକ୍ରିୟା ଏବଂ ସେମାନଙ୍କ ସମସ୍ୟାଗୁଡ଼ିକୁ ଲିପିବଦ୍ଧ କରାଯିବ । ଏହି ଅଭିଯାନ ପାଇଁ ଜଗତସିଂହପୁରରେ ତିନୋଟି ଦଳ ଗଠନ କରାଯାଇଛି । ପ୍ରତି ଦଳରେ କୃଷି ବିଜ୍ଞାନ କେନ୍ଦ୍ର (କଠକ), ଜଗତସିଂହପୁର, ICAR-CIFA(ମଧୁର ଜଳ ମତ୍ସ୍ୟ ଗବେଷଣା କେନ୍ଦ୍ର), ଓଉଇଜ-ଘଓଋଗଡ (ଜାତୀୟ ପାଦ ଓ ମୁଖ ରୋଗ ପ୍ରତିଷ୍ଠାନ), ଜିଲ୍ଲା କୃଷି ବିଭାଗ, ଜିଲ୍ଲା ଉଦ୍ୟାନ ବିଭାଗ, ଜିଲ୍ଲା ମୃତ୍ତିକା ସଂରକ୍ଷଣ ବିଭାଗ ଏବଂ ଜିଲ୍ଲା ମତ୍ସ୍ୟ ବିଭାଗର ବୈଜ୍ଞାନିକ ଓ ଅଧିକାରୀମାନେ ଅଛନ୍ତି । ପ୍ରତ୍ୟେକ ଦଳ ଦିନକୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ୨ଟି କାର୍ଯ୍ୟକ୍ରମ ଆୟୋଜନ କରିବେ ଏବଂ ୧୨ ଜୁନ୍ ପର୍ଯ୍ୟନ୍ତ ୮ଟି ବ୍ଲକର ୧୫,୦୦୦ ଚାଷୀଙ୍କ ସହିତ ସଂପର୍କ କରିବାର ଲକ୍ଷ୍ୟ ରଖାଯାଇଛି । ଏହି ଅଭିଯାନ ମାଧ୍ୟମରେ ନୂତନ କୃଷି ପ୍ରଯୁକ୍ତି, ସରକାରୀ ଯୋଜନା ଓ କୃଷି ସମ୍ବନ୍ଧୀୟ ସୂଚ଼ନା ଚାଷୀଙ୍କୁ ପ୍ରଦାନ କରାଯିବ । ଆଜି ଏହି ଅଭିଯାନଟି ଜଗତସିଂହପୁର ଜିଲ୍ଲାରେ ଏରସମା ବ୍ଲକର ନୂଆଗାଁ, ଅଚ୍ୟୁତଦାସପୁର, ନଇଗୁଆଁ, ତଳକୁସୁମା ଗ୍ରାମରେ ଏବଂ କୁଜଙ୍ଗ ବ୍ଲକର ଗଣ୍ଡକିପୁର, ଗୋପିଆକୁଦ ଠାରେ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ କାର୍ତ୍ତିକ ଚ଼ନ୍ଦ୍ର ମଲ୍ଲିକ, ଶ୍ରୀ ବିଶ୍ୱଜିତ୍ ପଣ୍ଡା, ଜିଲ୍ଲା କୃଷି ଅଧିକାରୀ, ଜଗତିଂହପୁର, ଶ୍ରୀ ବିଭୁଦତ୍ତ ସାହୁ,ଜିଲ୍ଲା କୃଷି ଅଧିକାରୀ, ତିର୍ତ ?ଲ, ଶ୍ରୀ ସମଲେଇ ପ୍ରସାଦ ପରିଡ଼ା, ସୀତାରନ୍ମାଳା ଦାସ, ମଣ୍ଡଳ କୃଷି ଅଧିକାରୀ, କୁଜଙ୍ଗ, ସୋଫିଆ ସ୍ୱାଇଁ, ମଣ୍ଡଳ କୃଷି ଅଧିକାରୀ, ଏରସମା ଓ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଶ୍ରୀ ଦେବାଶିଷ ପଣ୍ଡା, ଡ଼ ପ୍ରଦୀପ୍ତ ମାଝି, ଡ଼ ଦ୍ୱାରିକା ମୋହନ ଦାସ, ଶ୍ରୀମତୀ ସସ୍ମିତା ପୁରୋହିତ, ଶ୍ରୀମତୀ ସରିତା ଦାସ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମେରେ ବୈଜ୍ଞାନିକମାନେ କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ରରେ ବିକଶିତ ହୋଇଥିବା ନୂତନ ଜ୍ଞାନକୌଶଳ ବିଷୟରେ ଚ଼ାଷୀମାନଙ୍କୁ ଅବଗତ କରାଇଲେ ଏବଂ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ପରାମର୍ଶ ଦେଇଥିଲେ । ଜିଲ୍ଲା କୃଷି ବିଭାଗ, ଉଦ୍ୟାନ ଓ ମୃତ୍ତିକା ସଂରକ୍ଷଣ ବିଭାଗ ତରଫରୁ ଚ଼ାଷୀମାନଙ୍କ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର କରିଥିବା ବିଭିନ୍ନ ଯୋଜନା ଓ ରିହାତି ସୁବିଧା ବିଷୟରେ ଅବଗତ କରା ଯାଇଥିଲା । ଖରିଫ ଋତୁର ବୁଣାବୁଣି ପୂର୍ବରୁ କୃଷି ଉତ୍ପାଦନ ବୃଦ୍ଧି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିବା । 'ଏକ ରାଷ୍ଟ୍ର, ଏକ କୃଷି' ନୀତିର ମନ୍ତ୍ର ନେଇ, ଭାରତୀୟ କୃଷିର ଭବିଷ୍ୟତ ପାଇଁ, କେନ୍ଦ୍ର ସରକାର, ରାଜ୍ୟ ସରକାର ଓ ଭାରତୀୟ କୃଷି ପରିଷଦର ଏହା ଏକ ମହତ୍ତ୍ୱପୂର୍ଣ୍ଣ ପ୍ରୟାସ, ଯାହାକି ଆଗାମୀ ଦିନରେ କୃଷି ଓ କୃଷକ ମାନଙ୍କ ସମସ୍ୟାର ସମାଧାନ କରିପାରିବ ।

# ସିକିମ୍ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସଭାନେତ୍ରୀ ନାୟକ ପରିବାରର ଶିଶିର ନାୟକ ଓ ଚିକିତ୍ସିତ ଆହତ ବ୍ୟକ୍ତିମାନଙ୍କୁ ଭେଟିଲେ

ଭୁବନେଶ୍ୱର,(ପି.ଏନ): ଯାଜପୁର ଜିଲ୍ଲାର ବ୍ୟାସନଗର ମ୍ୟୁନିସପାଲଟିର ଉମାପଦା ଗ୍ରାମର ନାୟକ ପରିବାର ସିକିମ୍ ବୁଲି ଯାଇଥିବା ସମୟରେ ଘଟିଥିବା ମର୍ମନ୍ତୁଦ ଦୁର୍ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ସ୍ଥାନୀୟ ସରକାରଙ୍କର ଉଦ୍ୟମ ସତ୍ତ୍ୱେ ଏପର୍ଯ୍ୟନ୍ତ ନିଖୋଜ ହୋଇଥିବା ୪ ଜଣ ଏବଂ ଗାଡିକୁ ଉଧାର କରାଯାଇପାରିନାହିଁ । ଗୁରୁତର ଭାବରେ ଆହତ ୨ ଜଣ ବାଳକ ଗ୍ୟାଙ୍ଗଟକ ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ସେମାନଙ୍କର ଜୀବନ ପ୍ରତି ବିପଦ ନ ଥିଲେ ହେଁ ଗୋଡ ଏବଂ ଛାତିରେ ଗୁରୁତର ଆଘାତ ଲାଗିଛି । ଆଜି ମୁଁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସକିମ୍ ନେତା ଶ୍ରୀମତୀ ରୋନା ସୋନାର ମୋ ସହିତ କଥା ହେବା ପରେ ଘଟଣା ସ୍ଥଳକୁ ଯାଇ ସେଠାରେ ଉପସ୍ଥିତ ଶିଶିର ନାୟକ ଓ ଓଡ଼ିଶା ରାଜ୍ୟ ସରକାରଙ୍କର ପରିବହନ ବିଭାଗର ଅତିରିକ୍ତ କମିଶନର ଦିପ୍ତିରଞ୍ଜନ ମିଶ୍ରଙ୍କ ସହିତ କଥା ହେବା ସଂଗେ ସଂଗେ ମୁଁ ମଧ୍ୟ ଆଡିସ୍‌ନାଲ କମିଶନର ଓ ଶିଶିର ନାୟକଙ୍କ ସହିତ ସବିଶେଷ କଥା ହୋଇଥିଲି । ମହିଳାମାନଙ୍କୁ ରାଜ୍ୟ ସରକାରଙ୍କ ଜରିଆରେ ଟିକେଟ ବ୍ୟବସ୍ଥା କରି ଗୋଆହାଟି ବାଙ୍ଗୋଲର ଏକ୍ସପ୍ରେସରେ ଆସନ୍ତାକାଲି ଯାଜପୁର ରୋଡ ପଠାଇଦିଆଯିବ । ଶିଶିର ନାୟକ ଏବଂ ଅନ୍ୟ ଦୁଇଜଣ ପିଲା ଦୁଇଙ୍କର ଚିକିତ୍ସା ପାଇଁ ସେଠାରେ ଉପସ୍ଥିତ ରହିବେ । ଓଡ଼ିଶା ରାଜ୍ୟ ସରକାରଙ୍କ ତରଫରୁ ଯାଇଥିବା ଅତିରିକ୍ତ କମିଶନର ସେଠାକାର ରାଜ୍ୟ ସରକାର ଅଫିସରଙ୍କ ସହିତ କଥାବାର୍ତ୍ତା କରି ସମସ୍ତ ବ୍ୟବସ୍ଥା କରୁଛନ୍ତି । ମାତ୍ର ନିଖୋଜ ୪ଜଣଙ୍କ ପତା ମିଳିପାରିନାହିଁ । ଗାଡି ମଧ୍ୟ ଉଦ୍ଧାର କରାଯାଇପାରିନାହିଁ । ନିଖୋଜ ବ୍ୟକ୍ତିମାନଙ୍କୁ ଖୋଜିବା ଜାରି ରହିଛି । ମୁଁ ଏଭଳି ଏକ ଦୁଃଖଦ ସମୟରେ ନିଖୋଜ ବ୍ୟକ୍ତିଙ୍କୁ ଭଗବାନଙ୍କ ଆର୍ଶିବାଦରେ ଫେରାଇ ଆଣିବା ଓ ନାୟକ ପରିବାରର ସବୁ ଲୋକଙ୍କୁ ନିରାପଦରେ ତାଙ୍କ ଘରକୁ ଫେରିଆସିବା ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray